ଆଇସିସିର ନୂଆ ନିୟମ : ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରୁ ହଟିଲା ସୁପର ସିକ୍ସ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

ସମ୍ବାଦ କାଳିକା

The Sambad Kalika

e-paper www.sambadkalika.in

TM

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ଇଷ୍ଟ ଓ ଓ.୨ : ୫୬୬୦ ଷ୍ଟିଟ

8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨୮୯ ● ୨୦ ନଭେମ୍ବର ୨୦୨୬ ଶୁକ୍ରବାର ● ଭୁବନେଶ୍ୱର ● Vol -33 ● Issue-289 ● 20th November 2026, Friday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

ବାତ୍ୟା 'ଅକଓ୍ୱାନ' ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ବ୍ୟାପକ ପ୍ରସ୍ତୁତି


ଗୋପାଳପୁର ନିକଟରେ ଆଜି ମଧ୍ୟାହ୍ନରେ ଲ୍ୟାଣ୍ଡଫଲ୍ !

ଭୁବନେଶ୍ୱର, ୧୯।୧୧
ନ୍ୟୁଜ୍ ବ୍ୟୁରୋ

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଭୀଷଣ ବାତ୍ୟା 'ଅକଓ୍ୱାନ୍' ଘଣ୍ଟାପ୍ରତି ୧୭ କିମି ବେଗରେ ଓଡ଼ିଶା ଓ ଆନ୍ଧ୍ର ଉପକୂଳ ଆଡ଼କୁ ମାଡ଼ି ଆସୁଛି । ଶୁକ୍ରବାର ମଧ୍ୟାହ୍ନରେ ଏହା ଆନ୍ଧ୍ରପ୍ରଦେଶର ନର୍ସାପୁର ଓ ପୁରୀ ମଧ୍ୟବର୍ତ୍ତୀ ଗୋପାଳପୁର ନିକଟରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି । ଲ୍ୟାଣ୍ଡଫଲ୍ ସମୟରେ ପବନର ବେଗ ଘଣ୍ଟାପ୍ରତି ୯୦ରୁ ୧୦୦ କିମି ରହିବା ସହ ୧୧୦ କିମି ପର୍ଯ୍ୟନ୍ତ ଝଟକା ପବନ ବୋହିବାର ଆଶଙ୍କା କରାଯାଉଛି ।

ସମ୍ଭାବ୍ୟ ବାତ୍ୟା 'ଅକଓ୍ୱାନ'ର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ସହ ଉଦ୍ଧାର, ରିଲିଫ୍ ଓ ଜରୁରୀକାଳୀନ ସେବାକୁ ଜୋରଦାର କରାଯାଇଛି । ଜିରୋ କାଜୁଆଲିଟି ବା ଶୂନ୍ୟ ମୃତ୍ୟୁ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ବୋଲି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି ।

ଗୁରୁବାର ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟରେ ସ୍ଥିତି ସମୀକ୍ଷା କରିବା ପରେ



ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି)ର ଆକଳନ ଅନୁଯାୟୀ ବାତ୍ୟାର ସମ୍ଭାବ୍ୟ ଗତିପଥ ପୁରୀ ଓ ଗୋପାଳପୁର ମଧ୍ୟବର୍ତ୍ତୀ ଅଞ୍ଚଳ ଦେଇ ରହିବାର ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳରେ ସମସ୍ତ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରାଯାଇଛି ।

ବାତ୍ୟା ଆଶଙ୍କା ଥିବା ୬,୧୦୯ଟି ସମ୍ବେଦନଶୀଳ ସ୍ଥାନ ଚିହ୍ନଟ କରାଯାଇ ସେଠାରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଉଛି । ବୁଧବାର ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ସ୍ଥାନାନ୍ତର ପ୍ରକ୍ରିୟା ଗୁରୁବାର ମଧ୍ୟ ଜାରି ରହିଛି । ଆବଶ୍ୟକତା ଅନୁଯାୟୀ ସମସ୍ତ ସମ୍ଭାବ୍ୟ ପ୍ରଭାବିତ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି ।

ସମ୍ଭାବ୍ୟ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ୯,୨୯୯ଟି ବାତ୍ୟା ଆଶ୍ରୟସ୍ଥଳ ଚିହ୍ନଟ କରାଯାଇଛି । ଏହି ଆଶ୍ରୟସ୍ଥଳଗୁଡ଼ିକରେ ଲୋକଙ୍କ ପାଇଁ ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ, ପାନୀୟ ଜଳ, ଜରୁରୀ ଔଷଧ, ସାନିଟାରୀ ନାପକିନ୍ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀର ବ୍ୟବସ୍ଥା କରାଯାଇଛି । ଶିଶୁମାନଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ଖାଦ୍ୟ ବ୍ୟବସ୍ଥା ରହିଛି । ଆଶ୍ରୟସ୍ଥଳରେ ସହାୟତା ପାଇଁ ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କୁ ନିୟୋଜିତ କରାଯାଇଛି ।

ଆଗୁଆ ସତର୍କତାମୂଳକ ପଦକ୍ଷେପ ଭାବେ ୩୦ ସୁଦ୍ଧା ପ୍ରସବ ହେବାକୁ ଥିବା ଗର୍ଭବତୀ ମହିଳାମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି ।

ଏଯାବତ୍ ପ୍ରାୟ ୧,୦୫,୩୦୪ ଜଣଙ୍କୁ ସ୍ଥାନାନ୍ତର କରାଯାଇ ୧,୨୨୪ଟି ବାତ୍ୟା ଓ ବନ୍ୟା *(ପୃଷ୍ଠା ୭ରେ)*

ଦ୍ୱିତୀୟ ଦିନ ପାଇଁ ଚାଲିପାରିଲାନି ବିଧାନସଭା

ଗୃହ ସୁପରିଚାଳନା ପାଇଁ ବାଚସ୍ପତି ଡାକିଲେ ସର୍ବଦଳୀୟ ବୈଠକ

ଭୁବନେଶ୍ୱର, ୧୯।୧୧
ନ୍ୟୁଜ୍ ବ୍ୟୁରୋ

ବିରୋଧୀ ଦଳର ନାରାବାଜି ଜନିତ ହଟ୍ଟଗୋଳ କାରଣରୁ ଗୁରୁବାର ବିଧାନସଭା ଗୃହ କାର୍ଯ୍ୟ ସଂପୂର୍ଣ୍ଣ ଅଚଳ ହୋଇପଡିଥିଲା । ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସହିତ ଅନ୍ୟ କୌଣସି କାର୍ଯ୍ୟକ୍ରମ ଏଥିଯୋଗୁ ସମ୍ପାଦିତ ହୋଇପାରି ନଥିଲା । ବାଚସ୍ପତି ସୁରମା ପାତ୍ର ପୂର୍ବାହ୍ନ ୧୦.୩୦ ମିନିଟ୍ ସମୟରେ ଗୃହକାର୍ଯ୍ୟ ପ୍ରଶ୍ନୋତ୍ତରରୁ ଆରମ୍ଭ କରିଥିଲେ । ହେଲେ ଏହି ସମୟରେ ହଠାତ୍ ବିରୋଧୀ ଦଳ ଉଭୟ ବିଜେଡ଼ି ଏବଂ କଂଗ୍ରେସର ବିଧାୟକମାନେ ଗୃହର ମଧ୍ୟଭାଗକୁ ଛଲିଆସି ସରକାରୀ ବିରୋଧୀ ନାରାବାଜି ଚଳାଇବା ସହ ପୋଷ୍ଟର ବ୍ୟାନର ପ୍ରଦର୍ଶନ କରିବା ଏବଂ ବାଚସ୍ପତିଙ୍କ ପୋଡ଼ିୟମକୁ ବାଡ଼େଇ ଗୃହର ବାତାବରଣକୁ ପ୍ରକମ୍ପିତ କରିଥିଲେ । ବାଚସ୍ପତି ଶ୍ରୀମତୀ ପାତ୍ର ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ କାଳରେ ସହଯୋଗ କରିବା ଏବଂ ବିରୋଧୀ ଦଳର ବିଧାୟକମାନେ ନିଜ ଆସନରେ ରହି ଶୃଙ୍ଖଳିତ ଭାବେ ଗୃହ ପରିଚାଳନା ଲାଗି ସୁଯୋଗ ଦେବାକୁ ବାରମ୍ବାର ନିବେଦନ କରିଥିଲେ ମଧ୍ୟ ତାର କୌଣସି ସୁଫଳ ମିଳି ନଥିଲା । ଅନ୍ୟ ପକ୍ଷରେ ବାଚସ୍ପତି ଶ୍ରୀମତୀ ପାତ୍ର ହଟ୍ଟଗୋଳ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଚଳାଇ ରଖିବାକୁ ରହିଥିଲେ ଏବଂ ଗୁରୁବାର ଦିବସ ପାଇଁ ଧାର୍ଯ୍ୟ



ହୋଇଥିବା ବିଜେପି ବିଧାୟକ ଭାସ୍କର ମଡେଇଙ୍କ ଏକ ପ୍ରଶ୍ନର ଉତ୍ତର ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ଡାକିଥିଲେ । ତଦନୁଯାୟୀ ମନ୍ତ୍ରୀ ଡ. ମହାଲିଙ୍ଗ ତାଙ୍କ ଲିଖିତ ଉତ୍ତର ହଟ୍ଟଗୋଳ ମଧ୍ୟରେ ପଢୁଥିବା ବେଳେ ବିରୋଧୀଙ୍କ ସ୍ଲୋଗାନବାଜି ଜୋର୍ ଧରିଥିଲା । କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କୋଟିଆ ପ୍ରସଙ୍ଗ ଉଠାଇ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ । ଶ୍ରୀ ବାହିନୀପତି ଗୃହ ମଧ୍ୟରେ ରିପୋର୍ଟରଙ୍କ ଟେବୁଲ ଉପରେ ଠିଆ ହୋଇ ପ୍ରତିବାଦ ଜଣାଇଥିବା ବେଳେ ଅନୁରୂପ ଭାବେ ବିଜେଡ଼ି ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ମଧ୍ୟ ଗଞ୍ଜାମ ବାତ୍ୟା ପ୍ରସଙ୍ଗରେ ସରକାର ବିରୋଧରେ ନାରାବାଜି କରିଥିଲେ । ବିଜେଡ଼ି ଓ କଂଗ୍ରେସର ଅନ୍ୟ ବିଧାୟକମାନେ ବାଚସ୍ପତିଙ୍କ ପୋଡ଼ିୟମ ସମ୍ମୁଖରେ ଏକାଠି ହୋଇ ସ୍ଲୋଗାନ ଜାରି ରଖିଥିଲେ । ଏହା ଫଳରେ ଗୃହରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା । ଯେଉଁଥିପାଇଁ ବାଚସ୍ପତି ବାଧ୍ୟ ହୋଇ ମାତ୍ର ୭ ମିନିଟ୍‌ର ହଟ୍ଟଗୋଳ ମଧ୍ୟରେ ଅର୍ଥାତ୍ ୧୦.୩୭ରେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା *(ପୃଷ୍ଠା ୭ରେ)*

ଆଜିର ମୁଖ୍ୟ ଖବର

- ଭଦ୍ରକରେ ନଦୀବନ୍ଧ ଓ ଜଳ ନିଷ୍କାସନ ପଥର ସ୍ଥିତି ଯାଞ୍ଚ କଲେ ସର୍ବୋଚ୍ଚ ଯନ୍ତ୍ରୀ ।
- ଭୁବନେଶ୍ୱର : ବାତ୍ୟା ଅକଓ୍ୱାନ ମୁକାବିଲା ପାଇଁ ଡ୍ରେନେଜ୍ ସଫେଇ କାର୍ଯ୍ୟ ଜୋରଦାର ।
- ଭୁବନେଶ୍ୱର : ସିଆରପି ଛକରେ ଦୁର୍ଘଟଣା, ଜଣେ ମୃତ ।
- ଗ୍ରୀସ୍, ସ୍ପେନ୍ ଓ ନେପାଳର ରାଷ୍ଟ୍ରଦୂତମାନଙ୍କଠାରୁ ପରିଚୟପତ୍ର ଗ୍ରହଣ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ଔଷଧ ନିର୍ମାଣ ଲାଇସେନ୍ସ ନେବା ପୂର୍ବରୁ କେନ୍ଦ୍ରୀୟ ଲାଇସେନ୍ସିଂ ପ୍ରକ୍ରିୟାର ଅନୁମତି ବାଧ୍ୟତାମୂଳକ ।
- ବିହାରର ଆରାରିଆରେ ତିଳକ ସମାରୋହରୁ ଫେରୁଥିବା ସ୍କର୍ପିଓ କେନାଲରେ ଖସିଲା, ୬ ମୃତ ।
- ଉତ୍ତରପ୍ରଦେଶର ବଳରାମପୁର ଜିଲ୍ଲାରେ ଦୁଇଟି ଗାଡି ମଧ୍ୟରେ ଧକ୍କା : ୫ ମୃତ ।

ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୦୬୯ (-୨୫୭)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୯୮୦ (-୨୩୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୯୮୦୨ (-୧୯୨)

ରୁପା ଦର

ରୂପା – ପ୍ରତି ଗ୍ରାମ ୧୮୦ (-୫)

ଏକାଳ ପଖାଳ



ମହାନଦୀ କଳି ପଛରେ ଲାଗିଛି
ଧୋଇଲେ ଯାଉନି ଛାଡି
କୋଟିଆ କଥାଟା ରଙ୍ଗାରଙ୍ଗି କରେ
ଆନ୍ଧ୍ର ଆଉଛି ମାଡି
ପ୍ରସଙ୍ଗଟା ପୁରା ଭିଡି
ଗୃହ ଗୋଟାଯାକ ଉଠୁଛି ପଡୁଛି
ଶୁଭେ କିଳିକିଳା ରଡି ।

ଆତଙ୍କବାଦର ମୂଲୋତ୍ପାଟନ ପାଇଁ ବଡ ପଦକ୍ଷେପ

ନୂଆଦିଲ୍ଲୀ, ୧୯।୧୧

ଦେଶରୁ ଆତଙ୍କବାଦର ମୂଲୋତ୍ପାଟନ ଏବଂ ଜାତୀୟ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ମଜଭୁତ କରିବା ପାଇଁ ବଡ଼ ପଦକ୍ଷେପ ନେଇଛନ୍ତି କେନ୍ଦ୍ର ସରକାର । ଏହି ଉଦ୍ଦେଶ୍ୟରେ ଗୁରୁବାର ନୂଆଦିଲ୍ଲୀରେ ଦୁଇ ଦିନିଆ ଆତଙ୍କବାଦ ବିରୋଧୀ ସମ୍ମିଳନୀର ଉଦ୍‌ଘାଟନ କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ଜାତୀୟ ତଦନ୍ତକାରୀ ସଂସ୍ଥା ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଚଳିତ ବର୍ଷ ସୀମାପାର ଆତଙ୍କବାଦକୁ ମୁଖ୍ୟ ପ୍ରସଙ୍ଗ ଭାବେ ଗୁରୁତ୍ୱ ଦିଆଯାଇଛି । ଦୁଇ ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ଆତଙ୍କବାଦର ମୁକାବିଲା ପାଇଁ ଭବିଷ୍ୟତର ରଣନୀତି ପ୍ରସ୍ତୁତ କରାଯିବ । ଏଥିରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା, ବିଭିନ୍ନ ରାଜ୍ୟର



ପୁଲିସ ଏବଂ ବୈଷୟିକ ଓ ଫରେନସିକ୍ ବିଶେଷଜ୍ଞଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି ଉପରେ ଆଲୋଚନା ହେବ । ଆତଙ୍କବାଦୀ ନେଟୱାର୍କକୁ ଚିହ୍ନଟ କରିବା ସହ ସେମାନଙ୍କ ଗତିବିଧି ଉପରେ ରୋକ୍ ଲଗାଇବା ଏହି ବୈଠକର ଅନ୍ୟତମ ଲକ୍ଷ୍ୟ ।

ଗୃହ ମନ୍ତ୍ରଣାଳୟର ସୂଚନା ଅନୁସାରେ, ସମ୍ମିଳନୀରେ ବିଦେଶୀ ରାଷ୍ଟ୍ରରୁ ଅପରାଧ ସମ୍ପର୍କିତ ପ୍ରମାଣ ସଂଗ୍ରହ, ଡିଜିଟାଲ୍ ଫରେନସିକର ବ୍ୟବହାର, ଆତଙ୍କବାଦୀଙ୍କ ଆର୍ଥିକ ସହାୟତା ନେଟୱାର୍କକୁ ଧ୍ୱଂସ କରିବା ଏବଂ ମୌଳବାଦର ମୁକାବିଲା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ବିସ୍ତୃତ ମନ୍ଥନ ହେବ । ଏହାସହ ବିଭିନ୍ନ ରାଜ୍ୟର ପୁଲିସ ଅଧିକାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମର ମଧ୍ୟ ବ୍ୟବସ୍ଥା କରାଯାଇଛି । *(ପୃଷ୍ଠା ୭ରେ)*

ଘରୋଇ କମ୍ପାନୀ ଅଧିକ ନିଯୁକ୍ତି ଓ କର୍ମଚାରୀଙ୍କୁ ଭଲ ଦରମା ଦିଅନ୍ତୁ

ନୂଆଦିଲ୍ଲୀ, ୧୯।୧୧


ଦେଶରେ ବ୍ୟବସାୟକୁ ପ୍ରୋତ୍ସାହନ ଦେବା ସହିତ କମ୍ପାନୀଗୁଡ଼ିକୁ ଆଶ୍ୱସ୍ତି ଦେବା ପାଇଁ ସରକାର କର୍ପୋରେଟ୍ ଟ୍ୟାକ୍ସଠାରୁ ଆରମ୍ଭ କରି ଆୟକର ପର୍ଯ୍ୟନ୍ତ ଅନେକ ବଡ଼ ନିଷ୍ପତ୍ତି ନେଇଛନ୍ତି । ବ୍ୟବସାୟକୁ ସହଜ କରିବା ପାଇଁ ନିୟମରେ ମଧ୍ୟ ପରିବର୍ତ୍ତନ କରାଯାଇଛି । ଏଥିସହ ଅନ୍ୟ ଦେଶଗୁଡ଼ିକ ସହ ବାଣିଜ୍ୟ ଚୁକ୍ତି ମଧ୍ୟ କରାଯାଇଛି । ତେଣୁ କମ୍ପାନୀମାନେ କେବଳ ନିଜର ଲାଭ ବଢ଼ାଇବା ଉପରେ ଧ୍ୟାନ ନଦେଇ *(ପୃଷ୍ଠା ୭ରେ)*



ଭାରତ ଅର୍ଥନୀତିରେ ଆଗେଇଛି, ସ୍ୱଚ୍ଛତାରେ ପଛରେ

ନୂଆଦିଲ୍ଲୀ, ୧୯।୧୧

ଆର୍ଥିକ କ୍ଷେତ୍ରରେ ଭାରତ ଏବେ ଏକ ସମୃଦ୍ଧ ଦେଶ ହୋଇଥିଲେ ମଧ୍ୟ ସ୍ୱଚ୍ଛତା କ୍ଷେତ୍ରରେ ଏହାର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି । ବର୍ଜ୍ୟ ପରିଚାଳନାରେ ଅବହେଳା ଯୋଗୁ ଅନ୍ୟ କ୍ଷେତ୍ରରେ ହାସଲ ହୋଇଥିବା ଅଭିବୃଦ୍ଧିର ଗୁରୁତ୍ୱ ହ୍ରାସ ପାଉଛି । ଏହା ସମାଜ ଓ ଦେଶର ଭାବମୂର୍ତ୍ତିକୁ ମଧ୍ୟ ପ୍ରଭାବିତ କରୁଛି ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି । ଦେଶରେ କଠିନ ବର୍ଜ୍ୟ ପରିଚାଳନା ନିୟମ (ଏସ୍‌ଡବ୍ଲ୍ୟୁଏମ୍)ର କାର୍ଯ୍ୟକାରିତା ସମୀକ୍ଷା କରିବା ସମୟରେ ଜଷ୍ଟିସ୍ ଏସ୍‌ଭିଏନ୍ ଭଟ୍ଟି ଓ ଜଷ୍ଟିସ୍ ଏନ୍‌ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ ଏହି



ମତ ଦେଇଛନ୍ତି । ନିକଟରେ ଦେଇଥିବା ଆଦେଶରେ ଖଣ୍ଡପୀଠ କହିଛନ୍ତି, ଭାରତରେ ଏହି ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ସମ୍ବଳ ରହିଛି । କିନ୍ତୁ ସରକାରୀ କର୍ତ୍ତୃପକ୍ଷଙ୍କ ନିଷ୍ପାପର ଉଦ୍ୟମ ଓ ନାଗରିକଙ୍କ ସହଯୋଗର ଅଭାବ ଯୋଗୁ ଆଶାନୁରୂପ *(ପୃଷ୍ଠା ୭ରେ)*

ମିସାଇଲ୍ ଓ ସାମୁଦ୍ରିକ ସୁରକ୍ଷାରେ ଭାରତକୁ ସହଯୋଗ କରିବ ଜାପାନ

ନୂଆଦିଲ୍ଲୀ, ୧୯।୧୧

ଭାରତ ଓ ଜାପାନ ମଧ୍ୟରେ ପ୍ରତିରକ୍ଷା ସହଯୋଗ ଆହୁରି ମଜଭୁତ ହେବ । ମିସାଇଲ୍ ଟେକ୍ନୋଲୋଜି ଏବଂ ପାଣି ଭିତରେ ବ୍ୟବହାର ହେଉଥିବା ଅତ୍ୟାଧୁନିକ ପ୍ରଯୁକ୍ତି କ୍ଷେତ୍ରରେ ଦୁଇ ଦେଶ ସହଯୋଗ ବଢ଼ାଇବାକୁ ସହମତ ହୋଇଛନ୍ତି । ଟୋକିଓରେ ଅନୁଷ୍ଠିତ ଭାରତ-ଜାପାନ ଚତୁର୍ଥ ୨+୨ ବୈଠକରେ ଏନେଇ ବଡ଼ ନିଷ୍ପତ୍ତି ହୋଇଛି । ଏହାସହ ସାମୁଦ୍ରିକ ସୁରକ୍ଷା, ପ୍ରତିରକ୍ଷା ଶିଳ୍ପ ଏବଂ ଜାହାଜ ମରାମତି କ୍ଷେତ୍ରରେ ମଧ୍ୟ ସହଯୋଗ ବଢ଼ାଇବାକୁ ଉଭୟ ଦେଶ ରାଜି ହୋଇଛନ୍ତି । ଟୋକିଓରେ ଆୟୋଜିତ ଏହି ବୈଠକରେ ଭାରତ ପକ୍ଷରୁ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଯୋଗ ଦେଇଥିଲେ । ଜାପାନ ପକ୍ଷରୁ ବୈଦେଶିକ ମନ୍ତ୍ରୀ ତୋଶିମିସୁ ମୋଟେଗି ଏବଂ ପ୍ରତିରକ୍ଷା ମନ୍ତ୍ରୀ ଶିଞ୍ଜିରୋ କୋଇଜୁମି ଉପସ୍ଥିତ ଥିଲେ । ବୈଠକରେ ଉଭୟ ଦେଶର



ମନ୍ତ୍ରୀମାନେ ପ୍ରତିରକ୍ଷା ଓ ସାମୁଦ୍ରିକ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିଥିଲେ ।

ବୈଠକ ପରେ ରାଜନାଥ ସିଂହ କହିଛନ୍ତି ଯେ, ସାମୁଦ୍ରିକ ସୁରକ୍ଷା *(ପୃଷ୍ଠା ୭ରେ)*

ଫେବ୍ରୁଆରୀ ୧୬ରୁ ଯୁକ୍ତ ୨ ପରୀକ୍ଷା

ଭୁବନେଶ୍ୱର, ୧୯।୧୧
ନ୍ୟୁଜ୍ ବ୍ୟୁରୋ

ଆସନ୍ତା ଫେବ୍ରୁଆରୀ ୧୬ ତାରିଖରୁ ଆରମ୍ଭ ହେବ ଯୁକ୍ତ ୨ ପରୀକ୍ଷା । ମାର୍ଚ୍ଚ ୧୮ ତାରିଖରେ ଶେଷ ହେବ ପରୀକ୍ଷା । ଏନେଇ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷା ବିଭାଗର ପରୀକ୍ଷାର୍ଥୀଙ୍କ ପାଇଁ ବିଷୟଭିତ୍ତିକ ସୂଚୀ ଜାରି କରାଯାଇଛି ।

ଚଳିତ ଥର ଯୁକ୍ତ ୨ ପରୀକ୍ଷା ଗୋଟିଏ ସିଟିଂରେ ଅନୁଷ୍ଠିତ ହେବ । ପ୍ରତିଦିନ ସକାଳ ୧୦ଟାରୁ ପରୀକ୍ଷା ଆରମ୍ଭ ହେବ । ତେଣୁ ପରୀକ୍ଷାର୍ଥୀମାନେ ନିଜ ନିଜ ବିଷୟ ଅନୁସାରେ ପରୀକ୍ଷା ସୂଚୀ ଦେଖି ପ୍ରସ୍ତୁତି ଆରମ୍ଭ କରିବାକୁ ପଡ଼ିବ । ପରୀକ୍ଷା ସୂଚୀ ପ୍ରକାଶ ପାଇବା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରସ୍ତୁତି ଜୋରଦାର ହେବାକୁ ଯାଉଛି । *(ପୃଷ୍ଠା ୭ରେ)*

ଓଡ଼ିଶାର ମାଟିତଳେ ସୁନା, ରୂପା ଓ ମୂଲ୍ୟବାନ ଖଣିଜ ସମ୍ପଦ



ଭୁବନେଶ୍ୱର, ୧୯।୧୧
ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ମାଟି ତଳେ ମହଜୁଦ ରହିଛି ସୁନା, ରୂପା ଓ ମୂଲ୍ୟବାନ ଖଣିଜ ପଦାର୍ଥ । କେନ୍ଦୁଝର, ମୟୂରଭଞ୍ଜ ଓ ଦେବଗଡ଼ ଜିଲ୍ଲାରେ ରହିଛି ସୁନାର ଭଣ୍ଡାର । ଏହି ୩ଟି ଜିଲ୍ଲାରେ ୩୩୩୮ କେଜିରୁ ଅଧିକ ପରିମାଣର ସୁନା ରହିଛି । ସେହିପରି ଦେବଗଡ଼ ଓ ସୁନ୍ଦରଗଡ଼ରେ ରହିଛି ରୂପା । କଳାହାଣ୍ଡିରେ ରହିଛି ମୂଲ୍ୟବାନ ମାଣିକ ପଥର । ଗୁରୁବାର ବିଧାନସଭାରେ ଏହି ତଥ୍ୟ ଦିଆଯାଇଛି ।

ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଏହି ସୂଚନା ଦେଇଛନ୍ତି । ମନ୍ତ୍ରୀଙ୍କ ସୂଚନା ଅନୁସାରେ ଓଡ଼ିଶାର ମାଟି ତଳେ ମହଜୁଦ ରହିଛି ମୂଲ୍ୟବାନ ଖଣିଜ ସମ୍ପଦ । ୩ଟି ଜିଲ୍ଲାରେ ସୁନା ଖଣିର ସନ୍ଧାନ ମିଳିଛି । କେନ୍ଦୁଝର ଜିଲ୍ଲାର ଗୋପୁର-ଜଳଡିହାରେ ୧୯୧.୦୬ କେଜି ସୁନା ମହଜୁଦ ଥିବାବେଳେ ମୟୂରଭଞ୍ଜର ମଦନସାହି-କଞ୍ଜିଆରେ ୧୪୬୨.୭୩ କେଜି ସୁନା ରହିଛି । ସେହିପରି ଦେବଗଡ଼ ଜିଲ୍ଲାର ଅଡ଼ଶ ଠାରେ ୧୬୮୫ କେଜି ସୁନା ମହଜୁଦ ଥିବା ତଥ୍ୟ ଦିଆଯାଇଛି । ଏହି ତିନି ଜିଲ୍ଲାରେ ମୋଟ ୩୩୩୮.୭୯ କେଜି ସୁନା ମହଜୁଦ ରହିଛି । ସେହିପରି ଦେବଗଡ଼ ଓ ସୁନ୍ଦରଗଡ଼ ଜିଲ୍ଲାରେ ରହିଛି ରୂପାର ଭଣ୍ଡାର । *(ପୃଷ୍ଠା ୭ରେ)*

ଭୂସ୍ଖଳନ ମୁକାବିଲା ପାଇଁ ଏକାଠି କାମ କରିବେ ଓଡ଼ିଶା ଓ ଉତ୍ତରାଖଣ୍ଡ



ଭୁବନେଶ୍ୱର, ୧୯।୧୧
ନ୍ୟୁଜ୍ ବ୍ୟୁରୋ

ରାଜ୍ୟର ପାହାଡ

32 YEARS
ସମ୍ବାଦ ଜନିକା
ଭୁବନେଶ୍ୱର, ୨୦ ନଭେମ୍ବର ୨୦୨୬ ଶୁକ୍ରବାର



ଦେବ୍ରିଗଡ଼ରେ ଠାବ ବାଘର ପରିଚୟ ନିଶ୍ଚିତ କଲା ଏନ୍‌ଟିସିଏ

ସମ୍ବଲପୁର, ନ୍ୟୁକ୍ ବ୍ୟୁରୋ

ଦେବ୍ରିଗଡ଼ ଅଭୟାରଣ୍ୟରେ ଠାବ ହୋଇଥିବା ଅଣ୍ଡିରା ମହାବଳ ବାଘର ପରିଚୟକୁ ନିଶ୍ଚିତ କରିଛି ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନ୍‌ଟିସିଏ)। ନଭେମ୍ବର ୯ ତାରିଖରେ ଦେବ୍ରିଗଡ଼ ଅଞ୍ଚଳରେ ପ୍ରଥମଥର ପାଇଁ କ୍ୟାମେରା ଟ୍ରାପ୍‌ରେ କଏଦ ହୋଇଥିବା ଏହି ବାଘଟି ଛତିଶଗଡ଼ର ଉଦନ୍ତୀ-ସୀତାନଦୀ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳରେ ୨୦୨୫ ମସିହାରେ ଚିହ୍ନଟ ହୋଇଥିବା ସେହି ବାଘ ବୋଲି ସ୍ପଷ୍ଟ ହୋଇଛି। ଛତିଶଗଡ଼ ବନ୍ୟପ୍ରାଣୀ କର୍ତ୍ତୃପକ୍ଷଙ୍କ ଠାରୁ ମିଳିଥିବା କ୍ୟାମେରା ଟ୍ରାପ୍ ଫଟୋ ଓ ଅନ୍ୟାନ୍ୟ କ୍ଷେତ୍ରୀୟ ତଥ୍ୟର ଯାଞ୍ଚ କରାଯାଇଥିଲା। ବାଘର ଶରୀରରେ ଥିବା ଡୋରାର ନକ୍ସା ମେଳ କରିବା ପରେ ଏହାର ପରିଚୟ ନିଶ୍ଚିତ ହୋଇଥିଲା। ଏହାଦ୍ୱାରା ବାଘଟିର ଯାତ୍ରାପଥ ମଧ୍ୟ ଚିହ୍ନଟ କରାଯାଇଛି। ଉପଲବ୍ଧ ତଥ୍ୟ ଅନୁଯାୟୀ, ବାଘଟି ଛତିଶଗଡ଼ର ଉଦନ୍ତୀ-ସୀତାନଦୀ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳରୁ ବାହାରି ବରନୱାପାରା ବନ୍ୟପ୍ରାଣୀ ଅଭୟାରଣ୍ୟ ଦେଇ ଓଡ଼ିଶାର ଦେବ୍ରିଗଡ଼ ଅଞ୍ଚଳରେ ପହଞ୍ଚିଛି। ବାଘଟିର ବୟସ ପ୍ରାୟ ୫ ବର୍ଷ ହେବ ବୋଲି ଆକଳନ କରାଯାଇଛି।

ରେଳ ରିହାତି ପୁନଃ ଲାଗୁ ପାଇଁ ବରିଷ୍ଠ ନାଗରିକଙ୍କ ଦାବି

ବୌଦ୍ଧ, ନ୍ୟୁକ୍ ବ୍ୟୁରୋ

ବରିଷ୍ଠ ନାଗରିକଙ୍କ ରେଳ ଯାତ୍ରା ରିହାତି ପୁଣି ଲାଗୁ କରିବାକୁ ଦାବି ଉଠାଇଛି ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ। ବୌଦ୍ଧ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ସ୍ଥାନୀୟ ମାଉସୀ ମା' ମନ୍ଦିର ପରିସରରେ ମହାସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ସଭାପତି ପ୍ରଫେସର ଚହ୍ଲୁ ସାହୁଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାର ୧୪ଟି ବରିଷ୍ଠ ନାଗରିକ ସଂଗଠନର ପ୍ରତିନିଧି ଯୋଗଦେଇଥିଲେ। ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ଓ ଅଧିକାର ସମ୍ପର୍କରେ ଆଲୋଚନା ବେଳେ ରେଳ ଯାତ୍ରାରେ ମିଳୁଥିବା ରିହାତି ବନ୍ଦ ହେବା ଘଟଣାକୁ ନେଇ ସଭ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ସରକାରଙ୍କୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ଏହି ସୁବିଧା ପୁନଃ ଲାଗୁ ନହେବା ଦୁର୍ଭାଗ୍ୟଜନକ ବୋଲି ମତ ପ୍ରକାଶ ପାଇଥିଲା। ଏନେଇ ସରକାରଙ୍କୁ ପୁଣିଥରେ ସ୍ମାରକପତ୍ର ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସେହିପରି କେତେକ ଜିଲ୍ଲାରେ ପ୍ରଶାସନ ବରିଷ୍ଠ ନାଗରିକଙ୍କ ସମସ୍ୟା ପ୍ରତି ଆଖି ବୁଜି ଦେଉଥିବା ଅଭିଯୋଗ ଉଠିଥିଲା। ଅନ୍ୟପକ୍ଷରେ ବରିଷ୍ଠ ନାଗରିକ ଦିବସ ଅବସରରେ ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ବରିଷ୍ଠ ନାଗରିକଙ୍କୁ ଦେଇଥିବା ସମ୍ମାନ ଓ ସହଯୋଗକୁ ସଭାପତି ପ୍ରଶଂସା କରିଥିଲେ। ବୈଠକରେ ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବଲାଙ୍ଗିର, ଆଠମଲ୍ଲିକ ଓ ଦେବଗଡ଼ ଅଞ୍ଚଳର ପ୍ରତିନିଧିମାନେ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ବୌଦ୍ଧର ପୂର୍ବତନ ବିଧାୟକ ସଚ୍ଚିଦାନନ୍ଦ ଦଲାଲ, ବରିଷ୍ଠ ନାଗରିକ ହରିଶ୍ଚନ୍ଦ୍ର ମିଶ୍ର ଓ ଭବାନୀ ଶଙ୍କର ଅଗ୍ରୱାଲଙ୍କୁ ମହାସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ସନ୍ତୋଷ କୁମାର ଅଗ୍ରୱାଲଙ୍କ ରଚିତ ପୁସ୍ତକ 'ଜରାଶ୍ରମ' ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ବୌଦ୍ଧ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟମାନେ ସହଯୋଗ କରିଥିବା ବେଳେ ଶେଷରେ ମନୋଜ କୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ।



ଓଜେୟୁ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ


ଜଗତସିଂହପୁର, ନ୍ୟୁକ୍ ବ୍ୟୁରୋ

ଜଗତସିଂହପୁର ଜିଲ୍ଲା ଶାଖା ଓଡ଼ିଶା ସାମ୍ବାଦିକ ସଂଘ ପକ୍ଷରୁ ଅଳକା ଆଶ୍ରମ ପରିସରରେ ଜିଲ୍ଲା ସଭାପତି ଅକ୍ଷୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ପୌରପାଳିକା ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ଯୋଗଦେଇ ଜାତୀୟ ପ୍ରେସ୍ ଦିବସ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ପରିବେଷବିତ୍ ଉତ୍କଳ ରଞ୍ଜନ ମହାନ୍ତି, ଶିକ୍ଷାବିତ୍ ଶରତ ବାରିକ, ଶିକ୍ଷାବିତ୍ ନିକୁଞ୍ଜ କିଶୋର ବେହେରା, ରାଜ୍ୟ (ଓଜେୟୁ) ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା, ରାଜ୍ୟ (ଓଜେୟୁ) ସମ୍ପାଦକ ସୁନାକାର ବେହେରା, ଜିଲ୍ଲା (ଓଜେୟୁ) ସମ୍ପାଦକ ସରୋଜ କୁମାର ସାହୁ, ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ ଚୌଧୁରୀ, ଶଶାଙ୍କ ଶେଖର ପଣ୍ଡା, ପ୍ରମୋଦ ନାୟକ ପ୍ରମୁଖ ଯୋଗଦେଇ ଜାତୀୟ ପ୍ରେସ୍ ଦିବସ ଅବସରରେ ନିଜ ନିଜର ବକ୍ତବ୍ୟ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିପିନ ସେଠୀ, ବିରିଡି ବ୍ଲକ ଓଜେୟୁ ସଭାପତି ସୁବାଷ ଚନ୍ଦ୍ର ସ୍ୱାଇଁ, ପାରାଦ୍ୱୀପ ଓଜେୟୁ ସଭାପତି କରମେଶ୍ୱର ସ୍ୱାଇଁ, ହିମାଂଶୁ ଭୂଷଣ ନାୟକ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ମାନସ ରଞ୍ଜନ ମହାନ୍ତି, କୋଷାଧ୍ୟକ୍ଷ ଗୟାଧର ମହାରଣା, ସୁଶାନ୍ତ ପାତ୍ର, ବିଜୟ ପତି, ରଘୁନାଥପୁରର ଅମୁଲ୍ୟ ଚନ୍ଦ୍ରକାନ୍ତ ମହାପାତ୍ରଙ୍କ ସମେତ ବହୁ ସାମ୍ବାଦିକମାନେ ଉପସ୍ଥିତ ରହି ଜାତୀୟ ପ୍ରେସ୍ ଦିବସ ଅବସରରେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ଅତିଥିମାନେ ମହାପ୍ରଭୁଙ୍କ ଫୋଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଉଦ୍‌ଘାଟନ କରିଥିଲେ । ଜିଲ୍ଲା ଓଜେୟୁ ଉପସଭାପତି ରଞ୍ଜନ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

ବାତ୍ୟା 'ଅକଭାନ' ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନର ପଦକ୍ଷେପ

କେନ୍ଦୁଝର, ନ୍ୟୁକ୍

ସମ୍ଭାବ୍ୟ ବାତ୍ୟା 'ଅକଭାନ'ର ମୁକାବିଲା ତଥା ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ନିମନ୍ତେ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗୁଆ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀକାଳୀନ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ବିଭିନ୍ନ ବିଭାଗର ପ୍ରସ୍ତୁତି ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବୈଠକରେ ଜିଲ୍ଲାପାଳ ଶ୍ରୀ ସିଂହ ବିଭିନ୍ନ ବିଭାଗର କାର୍ଯ୍ୟ ସମୀକ୍ଷା କରି ଜିଲ୍ଲାରେ ଜନସାଧାରଣଙ୍କ ଧନଜୀବନ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରି ଆଗୁଆ ପ୍ରସ୍ତୁତି ଓ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କୃଷି ବିଭାଗର ବ୍ଲକସ୍ତରୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ଚାଷୀମାନଙ୍କୁ ସମ୍ଭାବ୍ୟ ବାତ୍ୟା ସମ୍ପର୍କରେ ସଚେତନ କରିବେ। ଅମଳ ଉପଯୋଗୀ ଫସଲକୁ ଯଥାଶୀଘ୍ର ଅମଳ କରି ସୁରକ୍ଷିତ ଓ ଶୁଷ୍କ ସ୍ଥାନରେ ରଖିବା ସହ ଅମଳ ହୋଇଥିବା ଧାନ ଓ ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟକୁ ବର୍ଷାରୁ ସୁରକ୍ଷା ଦେବା ପାଇଁ ଚାଷୀମାନଙ୍କୁ ଆବଶ୍ୟକୀୟ ପରାମର୍ଶ ଦେବାକୁ କୁହାଯାଇଛି। ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ସଜାଗ ରଖିବା ସହ ସାପ କାମୁଡ଼ା, ଝାଡ଼ାବାନ୍ତି ନିରୋଧକ ଔଷଧ ଓ ଅନ୍ୟାନ୍ୟ ଜରୁରୀକାଳୀନ ଔଷଧ ମହଜୁଦ ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ଗର୍ଭବତୀ ମହିଳା, ପ୍ରସବ ତାରିଖ ନିକଟବର୍ତ୍ତୀ ଥିବା ମହିଳା, ପ୍ରସୂତି ମା' ଓ ନବଜାତ ଶିଶୁଙ୍କ ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ କୁହାଯାଇଛି। ଆବଶ୍ୟକସ୍ଥଳେ ଗର୍ଭବତୀ ମହିଳାମାନଙ୍କୁ ପୂର୍ବରୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ସହ ପ୍ରସବ ସେବା ଓ ଆମ୍ବୁଲାନ୍ସ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଛି। ଜିଲ୍ଲାରେ ଥିବା ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀ ଓ ଆବଶ୍ୟକସ୍ଥଳେ ବିଦ୍ୟାଳୟ ଗୃହଗୁଡ଼ିକୁ ପୂର୍ବରୁ ପ୍ରସ୍ତୁତ ରଖିବାକୁ କୁହାଯାଇଛି। ଆଶ୍ରୟସ୍ଥଳୀଗୁଡ଼ିକରେ ପାନୀୟ ଜଳ, ଆଲୋକ, ଶୌଚାଳୟ, ପରିମଳ ଓ ଶୁଖିଲା ଖାଦ୍ୟର ବ୍ୟବସ୍ଥା ସୁନିଶ୍ଚିତ କରିବା ସହ ତଳିଆ ଅଞ୍ଚଳ, ଦୁର୍ବଳ ଘର ଓ ବିପଦସଙ୍କୁଳ ସ୍ଥାନରେ ରହୁଥିବା ଲୋକଙ୍କୁ ଚିହ୍ନଟ କରି ଆବଶ୍ୟକସ୍ଥଳେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ କୁହାଯାଇଛି। ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ (ବିଡିଓ), ତହସିଲଦାର ଓ ବ୍ଲକସ୍ତରୀୟ ବିଭାଗୀୟ ଅଧିକାରୀମାନେ ନିଜ ନିଜ ଅଞ୍ଚଳରେ ସମନ୍ୱୟ ରକ୍ଷା କରି ବାତ୍ୟା ମୁକାବିଲା ନିମନ୍ତେ ଆଗୁଆ ପ୍ରସ୍ତୁତି ଓ ନିୟମିତ କ୍ଷେତ୍ରସ୍ତରୀୟ ତଦାରଖ କରିବେ। ବିଶେଷକରି ତଳିଆ ଓ ଜଳବନ୍ଦୀ ହେବାର ଆଶଙ୍କା ଥିବା ଅଞ୍ଚଳ, ଦୁର୍ବଳ ଘରେ ରହୁଥିବା ପରିବାର, ଗର୍ଭବତୀ ମହିଳା, ବୟସ୍କ, ଦିବ୍ୟାଙ୍ଗ ଓ ଅସହାୟ ବ୍ୟକ୍ତିଙ୍କୁ ଚିହ୍ନଟ କରି ଆବଶ୍ୟକସ୍ଥଳେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ପାଇଁ ବ୍ୟବସ୍ଥା କରିବେ। ବାତ୍ୟା ଆଶ୍ରୟସ୍ଥଳୀ ଗୁଡ଼ିକରେ ପାନୀୟ ଜଳ, ବିଦ୍ୟୁତ୍, ଶୌଚାଳୟ ଓ ଖାଦ୍ୟର ସୁବିଧା ସୁନିଶ୍ଚିତ କରିବା ସହ ଗ୍ରାମପଞ୍ଚାୟତସ୍ତରରେ ଆବଶ୍ୟକୀୟ ରିଲିଫ୍ ସାମଗ୍ରୀ ମହଜୁଦ ରଖିବେ। ଏଥିସହ ବାତ୍ୟା ସମ୍ପର୍କିତ ସତର୍କ ସୂଚନା ଓ ଜନସଚେତନତା ବାର୍ତ୍ତା ଗ୍ରାମାଞ୍ଚଳରେ ପହଞ୍ଚାଇବା ସହ ଯେକୌଣସି ଜରୁରୀ ପରିସ୍ଥିତିର ତୁରନ୍ତ ମୁକାବିଲା ପାଇଁ ସଜାଗ ରହିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।



ରାଧାମୋହନ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼

ବାରିପଦା, ନ୍ୟୁକ୍ ବ୍ୟୁରୋ

କାର୍ତ୍ତିକ ମାସର ପବିତ୍ର ପର୍ବ ଅଁଳା ନବମୀ ଅବସରରେ ରାଧା ପାଦ ଦର୍ଶନ ପାଇଁ ସ୍ଥାନୀୟ ରାଧା ମୋହନ ମନ୍ଦିରରେ ଭିଡ ଜମିଥିଲା। ଶ୍ରଦ୍ଧାଳୁ ମାନେ ସକାଳୁ ମନ୍ଦିରରେ ପୂଜାର୍ଚ୍ଚନା କରି ରାଧା ରାଣୀଙ୍କ ପାଦ ଦର୍ଶନ କରିଥିଲେ। ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ଏହି ଦିନର ସ୍ୱତନ୍ତ୍ର ମହତ୍ତ୍ୱ ରହିଛି। ଯାହାକୁ ନେଇ ମହିଳାମାନେ ଅଁଳା ଗଛକୁ ମଧ୍ୟ ପୂଜା କରି ୧୦୮ ଥର ପରିକ୍ରମା କରିଥିଲେ। ପରିବାରର ସୁଖ, ଶାନ୍ତି ଓ ସମୃଦ୍ଧି ପାଇଁ ଦୀପ, ଧୂପ ଓ ନୈବେଦ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରଛନ୍ତି। ପୂଜାକୁ ସୁରୁଖୁରୁରେ ସମ୍ପାଦନ କରିବା ପାଇଁ ମନ୍ଦିରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ସୁରକ୍ଷା ନିମନ୍ତେ ମନ୍ଦିରରେ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

ଅଙ୍ଗନୱାଡି କେନ୍ଦ୍ରରେ କୋଟିଏ ହସ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ନ୍ୟୁକ୍ ବ୍ୟୁରୋ

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପଞ୍ଚାୟତର ଗରାପୁର ମୁସ୍‌ଲିମ୍ ବସ୍ତି ଅଙ୍ଗନୱାଡି କେନ୍ଦ୍ରରେ କୋଟିଏ ହସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଶିଶୁ ଦିବସ ଅବସରରେ ଅଙ୍ଗନୱାଡି କର୍ମୀ ସମ୍ସେରା ବେଗମ୍‌ଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କପାଳେଶ୍ୱର ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଭିମନ୍ୟୁ ଗୋଛାୟତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁ ହସିଲେ ଦୁନିଆ ହସିବ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ପିଲାମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯିବା ସହ ବିଭିନ୍ନ ପ୍ରକାର ପ୍ରତିଯୋଗୀତା ତଥା ମ୍ୟୁଜିକ୍ ଚେୟାର, ବେଲୁନ୍ ଫୁଙ୍କା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିବା ସହ ସମସ୍ତ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଆୟୋଜିତଏହିକାର୍ଯ୍ୟକ୍ରମରେ ସୟଦ୍ ସମ୍ସେର୍ ଅଲ୍ଲୀ, ଆଜମେରୀବେଗମ୍, ସମସ୍ତ ଯାଞ୍ଚ କମିଟି ଓ ମାତୃ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

ଆବାସ ଯୋଜନାରେ ସ୍ୱଚ୍ଛତା ଓ ତ୍ୱରିତ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ

ସୁବର୍ଣ୍ଣପୁର, ନ୍ୟୁକ୍ ବ୍ୟୁରୋ

ଗ୍ରାମାଞ୍ଚଳର ଗରିବ ଓ ଅସହାୟ ପରିବାରଙ୍କୁ ପକ୍କା ଘର ଯୋଗାଇଦେବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) କାର୍ଯ୍ୟକାରୀ ହେଉଛି। ଏହି ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ତିନୋଟି କିସ୍ତିରେ ମୋଟ୍ ୧ ଲକ୍ଷ ୨୦ ହଜାର ଟଙ୍କାର ଗୃହ ନିର୍ମାଣ ସହାୟତା ପ୍ରଦାନ କରାଯାଉଛି। ବଲାଙ୍ଗୀର ଜିଲ୍ଲାର ପଥରଚେପା ପଡ଼ିଆ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଆବାସ ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ, କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଯୋଗଦେଇଥିଲେ। ଏହାର ସିଧାପ୍ରସାରଣ ମାଧ୍ୟମରେ ସୁବର୍ଣ୍ଣପୁର ଜିଲ୍ଲାର ନୂତନ ଟାଉନ୍ ହଲ୍ ଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ମୁଖ୍ୟ ଅତିଥି ଏବଂ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ଓ ବଲାଙ୍ଗୀର ସାଂସଦଙ୍କ ପ୍ରତିନିଧି ସାନନ୍ଦ ମେହେର, ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲାପାଳ ଦେବାଶିଷ ସିଂହ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅନିରୁଦ୍ଧ ପଧାନ ଓ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେରଙ୍କ ସମେତ ନଳିନୀ ପଣ୍ଡା ଏବଂ ଅନ୍ୟ ଅଧିକାରୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଗରିବ ଓ ଅବହେଳିତ ପରିବାରଙ୍କୁ ସରକାରୀ ଯୋଜନାର ସୁଫଳ ପହଞ୍ଚାଇବା ଏବଂ ପ୍ରତ୍ୟେକ ଯୋଗ୍ୟ ପରିବାରକୁ ପକ୍କା ଘର ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। କୌଣସି ଯୋଗ୍ୟ ପରିବାର ଯେପରି ଯୋଜନାରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ ସରକାର ପ୍ରତିବଦ୍ଧ ବୋଲି ସେ କହିଥିଲେ। ସିଡିଓ ଅଶ୍ୱିନୀ ମେହେର ଜିଲ୍ଲାରେ ଯୋଜନାର ଅଗ୍ରଗତି ସମୀକ୍ଷା ସହ ପୂର୍ବରୁ ନିର୍ମିତ ଗୃହଗୁଡ଼ିକର ସ୍ଥିତି ଏବଂ ନୂତନ ଯୋଗ୍ୟ ହିତାଧିକାରୀଙ୍କ ଚିହ୍ନଟ ଉପରେ ଆଲୋକପାତ କରିଥିଲେ। ସଠିକ୍ ସର୍ବେକ୍ଷଣ ଓ ପ୍ରଶାସନିକ ସମନ୍ୱୟ ମାଧ୍ୟମରେ ଯୋଗ୍ୟ ପରିବାରଙ୍କୁ ଯୋଜନାରେ ସାମିଲ କରିବା ସହ ଏହାର ସ୍ୱଚ୍ଛ ଓ ତ୍ୱରିତ କାର୍ଯ୍ୟାନ୍ୱୟନ ପାଇଁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ପରେ ଜିଲ୍ଲାର ପ୍ରାୟ ୩୦୦ ଜଣ ହିତାଧିକାରୀଙ୍କୁ ଗୃହ ନିର୍ମାଣ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ୪ ମାସ ମଧ୍ୟରେ ଘର ନିର୍ମାଣ ସମ୍ପୂର୍ଣ୍ଣ କରିଥିବା ହିତାଧିକାରୀଙ୍କୁ ୨୦,୦୦୦ ଟଙ୍କା ଏବଂ ୬ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିଥିବା ହିତାଧିକାରୀଙ୍କୁ ୧୦,୦୦୦ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ଦିଆଯାଇଥିଲା।



ଚରିତ୍ର ଗଠନ ଓ ବାଲ୍ୟ ବିବାହ ରୋକିବା ଉପରେ ଗୁରୁତ୍ୱାରୋପ

ରାୟଗଡ଼ା, ନ୍ୟୁକ୍ ବ୍ୟୁରୋ

ସ୍ଥାନୀୟ ପିଏମ୍ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦେବ (ଜିସିଡି) ଜିଲ୍ଲା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ବ୍ୟାପକ 'କିଶୋରୀ ବାଳିକା ଶିବିର' ଅନୁଷ୍ଠିତ ହୋଇଯାଇଛି। ଯୁବ ଛାତ୍ରୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଜୀବନ କୌଶଳ ଏବଂ ସ୍ୱାସ୍ଥ୍ୟ ସଚେତନତା ସହ ସଶକ୍ତ କରିବା ପାଇଁ ଶିକ୍ଷାବିତ୍, ସ୍ୱାସ୍ଥ୍ୟସେବା ବିଶେଷଜ୍ଞ ଏବଂ ସାମାଜିକ କର୍ମୀମାନେ ଏହି କାର୍ଯ୍ୟକ୍ରମରେ ଏକତ୍ରିତ ହୋଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନମିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପଦକ୍ଷେପର ମୁଖ୍ୟ ଲକ୍ଷ୍ୟ ଥିଲା କିଶୋରୀ ବାଳିକାମାନଙ୍କୁ କୈଶୋର ଅବସ୍ଥାର ଶାରୀରିକ, ମାନସିକ ଏବଂ ସାମାଜିକ ପରିବର୍ତ୍ତନକୁ ସଫଳତାର ସହ ସାମ୍ନା କରିବା ପାଇଁ ଆବଶ୍ୟକୀୟ ଜ୍ଞାନ ଓ ଆତ୍ମବିଶ୍ୱାସ ଯୋଗାଇ ଦେବା।

32 YEARS
ସମ୍ବାଦ ଜନିକା
ଭୁବନେଶ୍ୱର, ୨୦ ନଭେମ୍ବର ୨୦୨୬ ଶୁକ୍ରବାର



'ଅକଭାନ' ମୁକାବିଲା ପାଇଁ ଅଣ୍ଟା ଭିଡ଼ିଲା ପୌରପାଳିକା

ତଳିଆ ଅଞ୍ଚଳରୁ ଲୋକେ ସ୍ଥାନାନ୍ତର:ଖୋଲିଲା କଣ୍ଟ୍ରୋଲ୍ ରୁମ୍



ଉମରକୋଟ, ନ୍ୟୁଜ୍ ବ୍ୟୁରୋ

ସମ୍ଭାବ୍ୟ ବାତ୍ୟା 'ଅକଭାନ'ର ମୁକାବିଲା ଏବଂ ସହରବାସୀଙ୍କ ଧନଜୀବନ ସୁରକ୍ଷାକୁ ଦୃଷ୍ଟିରେ ରଖି ଉମରକୋଟ ପୌରପାଳିକା ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି। ଏନେଇ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀକାଳୀନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମସ୍ତ ଲାଇନ୍ ବିଭାଗର ଅଧିକାରୀମାନେ ଯୋଗଦେଇ ବାତ୍ୟା ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ପରିସ୍ଥିତିର ମୁକାବିଲା ନେଇ ବିସ୍ତୃତ ଆଲୋଚନା କରିଛନ୍ତି। ପୌରାଞ୍ଚଳର ସମସ୍ତ ୱାର୍ଡର ସ୍ଥିତି ସମୀକ୍ଷା କରାଯିବା ସହ ବିପଦସଙ୍କୁଳ ଅଞ୍ଚଳ, କଚ୍ଚା ଘର ଏବଂ ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ଚିହ୍ନଟ କରି ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସ୍ଥାନାନ୍ତର ପ୍ରକ୍ରିୟାରେ ବିଶେଷ କରି ଗର୍ଭବତୀ ମହିଳା, ଶିଶୁ, ବୃଦ୍ଧବୃଦ୍ଧା ଏବଂ ଦିବ୍ୟାଙ୍ଗମାନଙ୍କୁ ପ୍ରାଥମିକତା ଦିଆଯିବ। ଲୋକଙ୍କ ରହଣି ପାଇଁ ପୌରପାଳିକା ଅଧୀନରେ ଥିବା ବିଦ୍ୟାଳୟ, କଲ୍ୟାଣ ମଣ୍ଡପ ଏବଂ ବାତ୍ୟା ଆଶ୍ରୟସ୍ଥଳୀ ଗୁଡ଼ିକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖାଯାଇଛି। ଆଶ୍ରୟସ୍ଥଳୀଗୁଡ଼ିକରେ ପାନୀୟ ଜଳ, ବିଦ୍ୟୁତ୍, ଜେନେରେଟର ଓ ଶୌଚାଳୟ ବ୍ୟବସ୍ଥା ସହ ରନ୍ଧାଖାଦ୍ୟ ଏବଂ ଶୁଖିଲା ଖାଦ୍ୟ ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଛି। ସେହିପରି ବିଦ୍ୟୁତ୍, ଜନସ୍ୱାସ୍ଥ୍ୟ, ଅଗ୍ନିଶମ, ପୋଲିସ ଏବଂ ସ୍ୱାସ୍ଥ୍ୟ ବିଭାଗକୁ ହାଇଆଲର୍ଟରେ ରଖାଯାଇଛି। ବାତ୍ୟା ସମୟରେ ଗଛ ଉପୁଡ଼ି ରାସ୍ତା ଅବରୋଧ ହେଲେ ତୁରନ୍ତ ସଫା କରିବା, ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇବା ଏବଂ ବିଦ୍ୟୁତ୍ ଓ ଜଳ ଯୋଗାଣକୁ ସ୍ୱାଭାବିକ ରଖିବା ପାଇଁ ସମସ୍ତ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବେ। ଜନସାଧାରଣଙ୍କୁ ତ୍ୱରିତ ସହାୟତା ଯୋଗାଇ ଦେବା ପାଇଁ ପୌରପାଳିକା କାର୍ଯ୍ୟାଳୟରେ ଏକ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ଖୋଲାଯାଇଛି। ଯେକୌଣସି ଜରୁରୀକାଳୀନ ପରିସ୍ଥିତିରେ ନାଗରିକମାନେ ୦୬୮୬୬-୨୯୨୨୯୨ ନମ୍ବରରେ ଯୋଗାଯୋଗ କରି ସହାୟତା ନେଇପାରିବେ। ବାତ୍ୟା ସମୟରେ କୌଣସି ପ୍ରକାର ଗୁଜବରେ ବିଶ୍ୱାସ ନକରି ପ୍ରଶାସନର ନିର୍ଦ୍ଦେଶ ମାନିବାକୁ ଏବଂ ଆବଶ୍ୟକ ସ୍ଥଳେ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ପୌରପାଳିକା ପକ୍ଷରୁ ସହରବାସୀଙ୍କୁ ନିବେଦନ କରାଯାଇଛି। ଏହି ବୈଠକରେ ପୌରପାଳିକାର ଯନ୍ତ୍ରୀ, ସାନିଟାରୀ ଇନ୍‌ସ୍ପେକ୍ଟର ଏବଂ ୱାର୍ଡ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

ଜିଲ୍ଲା ଜଜ୍‌କୋର୍ଟଙ୍କ ଆଦେଶକୁ ଅବମାନନା, ସାର୍ଟିଫିକେଟ୍ କେଶ୍ କରିବାକୁ ଆଦେଶ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲା ଓ ଦୌରାଜଜ୍ ଏକ ଗାଡି ଦୁର୍ଘଟଣା ଜନିତ ମାମଲାର ବିଚାର କରି ଓରିଏଣ୍ଟାଲ୍ ବିମା କମ୍ପାନୀକୁ କ୍ଷତିପୂରଣ ଦେବାକୁ ଆଦେଶ ଦେଇଥିଲେ। ମାତ୍ର ବିମା କମ୍ପାନୀ ଆଦେଶକୁ ଅବମାନନା କରିଥିବା ଜଣାପଡିବା ପରେ ଜିଲ୍ଲା ଓ ଦୌରାଜଜ୍ ଜିଲ୍ଲାପାଳଙ୍କୁ ସାର୍ଟିଫିକେଟ୍ ମାମଲା ରୁଜୁ କରି କ୍ଷତିପୂରଣ ଆଦାୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ଯେ ଇନ୍ଦୁପୁର କେନ୍ଦ୍ରାପଡା ରାସ୍ତାର ସ୍ୱର୍ଗତଃ ପଙ୍କଜକୁମାର ପାତ୍ରଙ୍କୁ ଏକ ଗାଡି ଦୁର୍ଘଟଣା ଘଟାଇବାରୁ ସେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ଏ ନେଇ କେନ୍ଦ୍ରାପଡା ସଦର ଥାନାରେ ୩୩୮/୨୦୧୭ରେ ଏକ ମାମଲା ରୁଜୁ ହୋଇଥିଲା। ତାଙ୍କ ପତ୍ନୀ ଜ୍ୟୋତିପ୍ରଭା ପାତ୍ର ଓ ଝିଅ ବାପା ମା ଜିଲ୍ଲା ଜର୍ଜକୋର୍ଟରେ ମଟର ଯାନ ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲା ଦାଏର କରିଥିଲେ।କେଶ୍ ନମ୍ବର-୮୬/୨୦୧୭ ମାମଲାର ବିଚାର କରି ଜିଲ୍ଲା ଓ ଦୌରାଜଜ୍ ଓରିଏଣ୍ଟାଲ୍ ଇନ୍ସୁରାନ୍ସକୁ ନଗଦ ୧୦ ଲକ୍ଷ ଟଙ୍କା ସହିତ ସାତ ପ୍ରତିଶତ ସୁଧ ୬ ମାସ ଭିତରେ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଦୀର୍ଘ ଦୁଇବର୍ଷ ବିତିଯାଇଥିଲେ ମଧ୍ୟ ବିମା କମ୍ପାନୀ ଟଙ୍କା ଦାଖଲ କରିନାହାଁନ୍ତି । କୋର୍ଟ ଆଦେଶକୁ ଅବମାନନା କରିଥିବାରୁ ଜିଲ୍ଲା ଜର୍ଜ ଜିଲ୍ଲାପାଳଙ୍କୁ ସାର୍ଟିଫିକେଟ୍ ମାମଲା ରୁଜୁ କରି କ୍ଷତିପୂରଣ ଆଦାୟ କରିବାକୁ ଆଦେଶ ଦେଇଛନ୍ତି । ମାମଲାକୁ ଦରଖାସ୍ତକାରୀଙ୍କ ତରଫରୁ ପ୍ରମୋଦ କୁମାର ଅଧିକାରୀ ଓ ପଦ୍ମନାଭ ଅଧିକାରୀ ପରିଚାଳନା କରୁଥିବା ବେଳେ ବିମା କମ୍ପାନୀ ତରଫରୁ ମହମ୍ମଦ ନଇମ୍ ପରିଚାଳନା କରୁଥିଲେ।

ସମ୍ବିଧାନର ଚତୁର୍ଥ ସ୍ତମ୍ଭକୁ ସୁଦୃଢ଼ କରିବାକୁ ଆହ୍ୱାନ୍

କଟକ, ନ୍ୟୁଜ୍ ବ୍ୟୁରୋ

ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। ଏହି ସ୍ତମ୍ଭକୁ ମଜବୁତ ରଖିବାକୁ ହେଲେ ଏହାର ମୂଳଦୁଆ ହେଉଛି କର୍ତ୍ତବ୍ୟବୋଧ। ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ - ୨୦୨୬ ଅତ୍ୟନ୍ତ ଉତ୍ସାହ ସହ ପାଳିତ ହୋଇଯାଇଛି। ଚଳିତ ବର୍ଷର ବିଷୟବସ୍ତୁ 'ସାମ୍ବାଦିକତା-ଲୋକପ୍ରିୟତା ବନାମ୍ କର୍ତ୍ତବ୍ୟବୋଧ' ଉପରେ ଆଧାରିତ ଏହି କାର୍ଯ୍ୟକ୍ରମରେ ଗଣମାଧ୍ୟମର ଦାୟିତ୍ୱ, ନୈତିକତା ଓ ସାମାଜିକ ପ୍ରତିବଦ୍ଧତା ସମ୍ପର୍କରେ ଆଲୋଚନା ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡଃ ଦିବ୍ୟଲୋଚନ ମହାନ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଥିଲେ ଯେ, କଲମର ମୁନରେ ସମାଜରେ ବହୁ ପରିବର୍ତ୍ତନ ସମ୍ଭବ ହୋଇଛି। ସାମ୍ବାଦିକତା ଯୁଗ ଯୁଗ ଧରି ନିଜର ଗୁରୁତ୍ୱ ବଜାୟ ରଖିଆସିଛି। ଲୋକପ୍ରିୟତା ପଛରେ ନଗୋଡ଼ାଇ ସାମ୍ବାଦିକମାନେ ସତ୍ୟ, ନିରପେକ୍ଷତା ଓ ନିଜର କର୍ତ୍ତବ୍ୟବୋଧକୁ ପ୍ରାଥମିକତା ଦେବା ଆବଶ୍ୟକ। ମହାଭାରତର ଉଦାହରଣ ଦେଇ ସେ ଭୁଲ୍ ତଥ୍ୟ ଓ ଅପପ୍ରଚାର ସମାଜ ପାଇଁ କେତେ କ୍ଷତିକାରକ ହୋଇପାରେ, ତାହା ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ (ଉନ୍ନୟନ) ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଯୋଗଦେଇ କହିଥିଲେ ଯେ, ସାମ୍ବାଦିକତା ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସମାଜର ବିଭିନ୍ନ ସମସ୍ୟାକୁ ଲୋକଲୋଚନକୁ ଆଣିବା ସହ ଜନସାଧାରଣଙ୍କ ସ୍ୱରକୁ ଉପଯୁକ୍ତ ମଞ୍ଚ ଦେବାରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାମ୍ବାଦିକତା କ୍ଷେତ୍ରରେ ମହିଳା ସାମ୍ବାଦିକମାନଙ୍କ ଅଧିକରୁ ଅଧିକ ଯୋଗଦାନ ଓ ଅଂଶଗ୍ରହଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ସୁରେଶ ଚନ୍ଦ୍ର ଦାସ ଯୋଗଦେଇ ଦୁର୍ନୀତି ନିରାକରଣ ଦିଗରେ ସାମ୍ବାଦିକଙ୍କ କଲମ ସର୍ବଦା ଶାଣିତ ରହିଆସିଛି ଏବଂ ଆଗକୁ ମଧ୍ୟ ରହିବ ବୋଲି ମତବ୍ୟକ୍ତ କରିଥିଲେ। ସାମ୍ବାଦିକଙ୍କ କର୍ତ୍ତବ୍ୟବୋଧ, ନୈତିକତା ଓ ଲୋକପ୍ରିୟତା ମଧ୍ୟରେ ଥିବା ସମନ୍ୱୟ ସମ୍ପର୍କରେ ସେ ନିଜର ମତ ରଖିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ସାମ୍ବାଦିକମାନେ ସାମ୍ବାଦିକତାର ମୂଳ ଆଦର୍ଶ, ସତ୍ୟନିଷ୍ଠା, ନିରପେକ୍ଷତା ଓ ଦାୟିତ୍ୱପୂର୍ଣ୍ଣ ସମ୍ବାଦ ପରିବେଷଣର ଆବଶ୍ୟକତା ଉପରେ ମତବିନିମୟ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଆଜିର ବିଷୟବସ୍ତୁ ସମ୍ପର୍କରେ ପ୍ରାକ୍ ତଥ୍ୟ ପ୍ରଦାନ କରିଥିଲେ। ସୁଶ୍ରୀ ସୋନାଲୀ କୁଣ୍ଡ ସଭା ପରିଚାଳନା କରିଥିବା ବେଳେ ଅଭିରାମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଉତ୍ତମ ସମାଜ ଗଠନରେ ବୟସ୍କଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ

ରେଙ୍ଗାଲି କେଉଟଡ଼ିହର ସହାୟତା ଆଶ୍ରମ ଠାରେ ବିଶ୍ୱ ବୟସ୍କ ଦିବସ ଆଶ୍ରମର ସଭାପତି ବାବୁଲାଲ ଅଗ୍ରୱାଲ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସମ୍ବଲପୁର ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସଭାପତି ଅନନ୍ତର୍ଯ୍ୟାମୀ ପାଣି ମୁଖ୍ୟଅତିଥି ଏବଂ ଅମିନ ସାହୁ ସମ୍ମାନିତ ଅତିଥି ଭାବରେ ଅଂଶଗ୍ରହଣ କରିଥିଲେ । ବୟସ୍କ ଦିବସରେ ଆଶ୍ରମର ପୂରଧା ପ୍ରତିଷ୍ଠାତା ଶଶୀଭୂଷଣ ସାହୁଙ୍କୁ ପୁଷ୍ପମାଲା, ଉପଢୌକନ ପ୍ରଦାନ କରି ମୁଖ୍ୟଅତିଥି ସମ୍ମାନିତ କରିଥିଲେ । ବୟସ୍କମାନଙ୍କର ମାର୍ଗ ଦର୍ଶନ ସୁସ୍ଥ, ସଫଳ ପରିବାର, ସମାଜ ଗଠନରେ ସହାୟକ ବୋଲି ମତବ୍ୟକ୍ତ କରିଥିଲେ । ଏଥିରେ କିରଣ ମହାକୁଡ଼, ଆଦିତ୍ୟ ପ୍ରଧାନ, ନିରାକାର ବିଶ୍ୱାଳ, ଗୌରୀ ସାହୁ, ବିଶ୍ୱ ବିହାରୀ ବେହେରା ଏବଂ ସେବାକାରି ସଂଘ ସମ୍ବଲପୁର ଓଡ଼ିଶାର ବିଶାଳ ବାଗ, ଧନପତି ପଟେଲ ଆଦିତ୍ୟ ପୋଡ଼, ତଥା କର୍ମକର୍ତ୍ତା ସଦସ୍ୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଶେଷରେ ଆଶ୍ରମର କୋଷାଧ୍ୟକ୍ଷ ଦିବ୍ୟ ସରାଫ ଧନ୍ୟବାଦ ଅର୍ପଣ କରିଥିଲେ ।

////////////// ବାଲି ଓ ମୋରମ ଚୋରା ଚାଲାଣ ପ୍ରତିବାଦ //////////////

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗର୍ଜିଲେ ସହସ୍ରାଧିକ ଆଦିବାସୀ

ବାରିପଦା, ନ୍ୟୁଜ୍ ବ୍ୟୁରୋ

ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ବେଆଇନ୍ ବାଲି ଓ ମୋରମ୍ ଚୋରା ଚାଲାଣ, ଖଣି ଅଧିକାରୀଙ୍କ ଦୁର୍ନୀତି ଏବଂ ଆଦିବାସୀଙ୍କ ବିଭିନ୍ନ ମୌଳିକ ସମସ୍ୟାକୁ ନେଇ ବୁଧବାର ଜିଲ୍ଲା ପେସା ଗ୍ରାମସଭା କ୍ରିୟାନୁଷାନ କମିଟି ପକ୍ଷରୁ ବାରିପଦା ଠାରେ ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରା ଓ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ବେଆଇନ୍ ବାଲି ଓ ମୋରମ ଚୋରା ଚାଲାଣ ନେଇ ଖଣି ବିଭାଗର ଅଧିକାରୀଙ୍କ ବିରୋଧରେ ସର୍ଜିନ ଅଭିଯୋଗ ସତ୍ତ୍ୱେ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଲେନାହିଁ। ଯାହାକୁ ନେଇ ମଧୁବନ ପଡ଼ିଆ ଠାରୁ ହଜାର ହଜାର ସଂଖ୍ୟକ ଆଦିବାସୀ ମହିଳା ଓ ପୁରୁଷମାନେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲ୍ଲା ଯୁବ ସଭାପତି ଦୁଲାରାମ ମୁର୍ମୁଙ୍କ ନେତୃତ୍ୱରେ ଆୟୋଜିତ



ଏହି ଆନ୍ଦୋଳନରେ ବେତନଟୀ ତହସିଲ ଅନ୍ତର୍ଗତ ଶୁଖିଲାହାର ସାମିଲ ମହୁଲିଆ ଅଞ୍ଚଳରେ ହେଉଥିବା ବେଆଇନ୍ ବାଲି ଓ ମୋରମ ଚାଲାଣ ପ୍ରସଙ୍ଗକୁ ପ୍ରମୁଖତାର ସହ ଉଠାଯାଇଥିଲା। ଅଭିଯୋଗ ଅନୁଯାୟୀ, ବାରିପଦା ଖଣି କାର୍ଯ୍ୟାଳୟର ଅଧିକାରୀମାନେ ଚୋରା ଚାଲାଣକାରୀଙ୍କ ସହ ହାତ ମିଳାଇ ସରକାରୀ ରାଜସ୍ୱ ହାନି କରୁଛନ୍ତି। ଗତ ଫେବୃଆରୀ ମାସରେ ସ୍ପଟ୍ ନିଲାମ ହୋଇଥିବା ବାଲି ଓ ମୋରମକୁ ଦୀର୍ଘ ମାସ ପରେ ଅକ୍ଟୋବରରେ ଇ-ପାସ୍ ମାଧ୍ୟମରେ ପରିବହନ ଅନୁମତି ଦିଆଯିବା ଏବଂ ପୂର୍ବରୁ ମାମଲା ଥିବା ଗାଡ଼ି ମାଲିକଙ୍କୁ ପ୍ରୋତ୍ସାହିତ କରାଯାଉଥିବା ନେଇ ସଙ୍ଗଠନ ପକ୍ଷରୁ ଅଭିଯୋଗ ହୋଇଥିଲା। ଏନେଇ ଗତ ନଭେମ୍ବର ୨ ତାରିଖରେ ଜିଲ୍ଲାପାଳ, ଏସ୍‌ପି ଓ ଖଣି ନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଥିଲେ ହେଁ ୧୫ ଦିନ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନହେବାରୁ ଏହି ଗଣ ଆନ୍ଦୋଳନ କରାଯାଇଛି। ଏହା ବ୍ୟତୀତ ସଙ୍ଗଠନ ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ୯ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ସେଥିମଧ୍ୟରେ ଖଣି ଅଧିକାରୀ ଅନାମ ଚରଣ ସିଂଙ୍କ ତୁରନ୍ତ ବଦଳି ଓ କନିଷ୍ଠ ଖଣି ଅଧିକାରୀ ଭବାନୀ ଶଙ୍କର ପାତ୍ରଙ୍କ ଗିରଫଦାରୀ, ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ସୁରକ୍ଷା ଦେଉଥିବା ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼ା କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଇସ୍ତଫା ଦାବି, ପେସା ଆଇନ୍-୧୯୯୬କୁ ସମ୍ପୂର୍ଣ୍ଣ ଓ ତୁରନ୍ତ କାର୍ଯ୍ୟକାରୀ କରିବା, କେନ୍ଦୁଝର ଆଦିବାସୀ ଜାହିରା ଆକ୍ରମଣକାରୀଙ୍କ ଗିରଫଦାରୀ, ରାସଗୋବିନ୍ଦପୁର ଏୟାରପୋର୍ଟ ପାଇଁ ଅଧିଗ୍ରହଣ ହୋଇଥିବା ଆଦିବାସୀଙ୍କ ଜମିର ଉଚିତ୍ କ୍ଷତିପୂରଣ ପ୍ରଦାନ, ଶିମିଳିପାଳରେ ଇଡିସି କବ୍‌ଜା ବନ୍ଦ କରିବା, ରାଇରଙ୍ଗପୁରରୁ ରୁଙ୍ଗଟା କମ୍ପାନୀ ଫେରିଯିବା ଏବଂ ମୟୂରଭଞ୍ଜକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦେବା ଆଦି ଦାବି ଅନ୍ତର୍ଭୁକ୍ତ ରହିଛି। ବେଆଇନ୍ ଖଣିଜ ଚୋରା ଚାଲାଣକାରୀଙ୍କ ସହ ହାତ ମିଳାଇ ସରକାରୀ ରାଜସ୍ୱ ହାନି କରୁଛନ୍ତି। ଆଗାମୀ ଦିନରେ ପ୍ରଶାସନ ଏସବୁ ଦାବି ପୂରଣ ନକଲେ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

ଜଙ୍ଗଲରୁ ବାରହା ଶିକାର:ମାଂସ ରାନ୍ଧୁଥିବା ବେଳେ ଚଢ଼ଉ:୬ ଗିରଫ



ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ

ବନ୍ୟଜନ୍ତୁ ଶିକାର କରି ମାଂସ ରାନ୍ଧୁଥିବା ବେଳେ ଖପ୍ରାଖୋଲ ବନ ବିଭାଗ ପକ୍ଷରୁ ଚଢ଼ଉ କରି ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ଜଙ୍ଗଲରୁ ବାରହା ଶିକାର କରି ରାନ୍ଧିବା ପାଇଁ ପ୍ରସ୍ତୁତି କରୁଥିବା ବେଳେ ବନ ବିଭାଗ କର୍ମଚାରୀମାନେ ଗୁପ୍ତ ସୂଚନା ପାଇ ମାଡ଼ି ବସିଥିଲେ। ବନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବାରହ ମାଂସ ସହ ରାନ୍ଧିବା ସାମଗ୍ରୀ ଓ ଶିକାରରେ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ମାନଙ୍କୁ ଖପ୍ରାଖୋଲ ବନ ବିଭାଗ କାର୍ଯ୍ୟାଳୟକୁ ଆଣି ପଚରାଉଚରା କରାଯାଇଛି। ବନ୍ୟଜନ୍ତୁ ସୁରକ୍ଷା ଆଇନ୍ ଅନୁଯାୟୀ ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ କୈବଲ୍ୟ ଛତ୍ରିଆ, ଜଗବନ୍ଧୁ ରଣା, ସଂକିର୍ତ୍ତନ ଛତ୍ରିଆ, ସମାରୁ ନାଗ, କିର୍ତ୍ତି ନାୟକ ଓ ଭଜନ ମାଝୀ। ବନବିଭାଗୀୟ ଅଧିକାରୀଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ଗୁପ୍ତ ସୂଚନା ଆଧାରରେ ବନ ବିଭାଗ କର୍ମଚାରୀମାନେ ବଳିଆଭଟା ଗାଁରେ ଚଢ଼ଉ କରିଥିଲେ। ସେତେବେଳେ ଅଭିଯୁକ୍ତ ମାନେ ବାରହ ମାଂସ ରାନ୍ଧିବା ପ୍ରସ୍ତୁତି କରୁଥିଲେ। ଚଢ଼ଉ ବେଳେ ସେମାନଙ୍କ ପାଖରୁ ୯ କିଲୋ ୨୦୦ ଗ୍ରାମ୍ ବାରହ ମାଂସ, ୩ କିଲୋ ୯୦୦ ଗ୍ରାମ୍ ଟ୍ରାପ୍ ତାର, ଗୋଟିଏ କୁରାଢ଼ି, ଗୋଟିଏ କଟୁରୀ ଓ ଗୋଟିଏ ବାସନ ଜବତ କରାଯାଇଛି। ବନ୍ୟଜନ୍ତୁ ସୁରକ୍ଷା ଆଇନ୍ ଅନୁଯାୟୀ ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଅଞ୍ଚଳରେ ବନ୍ୟଜନ୍ତୁ ଶିକାର ରୋକିବା ପାଇଁ ପାଟ୍ରୋଲିଂ ଜୋରଦାର୍ କରାଯାଇଥିବା ହରିଶଙ୍କର ବନଖଣ୍ଡ ଅଧିକାରୀ ଅରବିନ୍ଦ ନାୟକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

କଳିଙ୍ଗନଗରରେ ପୁନର୍ବାସ ଓ ବିକାଶ କାର୍ଯ୍ୟର ସମୀକ୍ଷା କଲେ ଆରଡିସି

ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ

ପୂର୍ବାହ୍ନ ୧୧ଟା ସମୟରେ କଳିଙ୍ଗନଗର ଶିଳ୍ପାଞ୍ଚଳ ସମ୍ପର୍କିତ ୯ମ ପୁନର୍ବାସ ଓ ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା କମିଟି ବୈଠକ କଟକ ରାଜସ୍ୱ ଆୟୁକ୍ତ, କେନ୍ଦ୍ରାଞ୍ଚଳ ସୁଧାଂଶୁ ମୋହନ ସାମଲ, ଭା.ପ୍ର.ସେ.ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ତଥା ସୁକିନ୍ଦା ବିଧାୟକ ଡ. ପ୍ରଦୀପ ବଳ ସାମନ୍ତ, ଯାଜପୁର ଲୋକସଭା ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ଯାଜପୁର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଅମ୍ବର କୁମାର କର, ଦାନଗଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ଅର୍ଚ୍ଚନା ଦାସ ଓ ସୁକିନ୍ଦା ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ ଉପସ୍ଥିତ ରହିଥିଲେ। ବୈଠକରେ କଳିଙ୍ଗନଗର ଶିଳ୍ପାଞ୍ଚଳର ବିସ୍ଥାପିତ ବ୍ୟକ୍ତି ଓ ପ୍ରଭାବିତ ପରିବାରଙ୍କ ପୁନର୍ବାସ ଓ ଥଇଥାନ ସ୍ଥିତି, ସେମାନଙ୍କ ସମସ୍ୟା ଏବଂ ବିଭିନ୍ନ ଉନ୍ନୟନମୂଳକ

ପକ୍ଷାତ୍ତରୀୟ

32 YEARS
ସମ୍ବାଦ କଲିକା

ମୃତ୍ୟୁର ସମୟ ଗଣନା କରିପାରୁଛି ଏଆଇ

ମୃତ୍ୟୁ କେବେ ଆସିବ ଏହି ପ୍ରଶ୍ନର ଉତ୍ତର ଆଜି ପର୍ଯ୍ୟନ୍ତ କାହା ପାଖରେ ନାହିଁ । ନା ମଣିଷ ଜାଣିପାରିଛି, ନା ବିଜ୍ଞାନ ଏହାର ସଠିକ୍ ଉତ୍ତର ଦେଇପାରିଛି । କିନ୍ତୁ ଏବେ ଏହି ଅସମ୍ଭବକୁ ସମ୍ଭବ କରିବା ଦିଗରେ ଗବେଷଣା ଆରମ୍ଭ କରିଛି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା AI । ଆପଣଙ୍କ ଜନ୍ମ ତାରିଖ, ଶିକ୍ଷା, ରୋଜଗାର, ସ୍ୱାସ୍ଥ୍ୟ ଏବଂ ଜୀବନଶୈଳୀର ତଥ୍ୟକୁ ବିଶ୍ଳେଷଣ କରି AI ଅନୁମାନ କରିପାରିବ ଯେ ଆଗାମୀ ଦିନରେ ଆପଣଙ୍କର ମୃତ୍ୟୁ କେବେ ? ଏମିତି ଏକ AI ମଡେଲ୍ ପ୍ରାୟ ୭୮% ସଠିକତା ସହ ଆଗାମୀ ୪ ବର୍ଷ ମଧ୍ୟରେ କାହାର ମୃତ୍ୟୁ ହୋଇପାରେ, ତାହା ଅନୁମାନ କରିଥିବା ଦାବି କରାଯାଇଛି । ତେବେ କ'ଣ ସତରେ ମଣିଷର ମୃତ୍ୟୁ ସମୟ ଆଗୁଆ ଜାଣିପାରିବ ମେସିନ୍ ? କେମିତି କାମ କରୁଛି ଏହି ଡେଥ୍ କାଲକୁଲେଟର ? ବିଜ୍ଞାନ ଯେତେ ଆଗକୁ ବଢୁଛି, ମଣିଷର କଳ୍ପନା ସେତେ ବାସ୍ତବ ରୂପ ନେଉଛି । ଦିନେ ଯାହାକୁ ଅସମ୍ଭବ ବୋଲି ଭାବୁଥିଲେ, ଆଜି AI ତାହାକୁ ସମ୍ଭବ କରିବାକୁ ଉଦ୍ୟମ କରୁଛି । ଏବେ ମୃତ୍ୟୁର ଭବିଷ୍ୟବାଣୀକୁ ନେଇ ଆରମ୍ଭ ହୋଇଛି ନୂଆ ଗବେଷଣା। କ'ଣ ଏହି ଡେଥ୍ କାଲକୁଲେଟର ? ଏହି AI ମଡେଲ୍‌ର ନାଁ ହେଉଛି 'Life2vec' । ଡେନମାର୍କର ପ୍ରାୟ ୬୦ ଲକ୍ଷ ଲୋକଙ୍କ ତଥ୍ୟକୁ ଆଧାର କରି ଏହାକୁ ବିକଶିତ କରାଯାଇଛି । ଲୋକଙ୍କ ଜନ୍ମ ତାରିଖ, ଶିକ୍ଷା, ଚାକିରି, ଆୟ, ଘର ଏବଂ ସ୍ୱାସ୍ଥ୍ୟ ସମ୍ପର୍କିତ ତଥ୍ୟକୁ ଏଥିରେ ବିଶ୍ଳେଷଣ କରାଯାଇଛି । ଏହି ସବୁ ତଥ୍ୟରୁ ମଣିଷର ଜୀବନର ବିଭିନ୍ନ ଘଟଣା ମଧ୍ୟରେ ଥିବା ସମ୍ପର୍କ ଏବଂ ପ୍ୟାଟର୍ଣ୍ଣକୁ ଚିହ୍ନଟ କରେ AI । ଏହାପରେ ଭବିଷ୍ୟତରେ କ'ଣ ଘଟିପାରେ, ତାହାର ଆକଳନ କରେ । ୭୮% ସଠିକତାର ଦାବି କେମିତି ? ଗବେଷଣାରେ ୩୫ରୁ ୬୫ ବର୍ଷ ବୟସର ଲୋକଙ୍କ ତଥ୍ୟକୁ ନେଇ ପରୀକ୍ଷା କରାଯାଇଥିଲା । ୨୦୧୬ରୁ ୨୦୨୦ ମଧ୍ୟରେ କେଉଁମାନଙ୍କ ମୃତ୍ୟୁ ହେବ, ତାହାର ଆକଳନ କରିଥିଲା ଏହି ମଡେଲ୍। ଗବେଷଣାରେ ପ୍ରାୟ ୭୮% ସଠିକତା ମିଳିଥିବା ରିପୋର୍ଟ କରାଯାଇଛି । ଅର୍ଥାତ୍ ମଣିଷର ଜୀବନ ସହ ଜଡ଼ିତ ତଥ୍ୟକୁ ବିଶ୍ଳେଷଣ କରି AI ମୃତ୍ୟୁର ସମ୍ଭାବନା ସମ୍ପର୍କରେ ଏକ ଆକଳନ କରିପାରୁଛି । କ'ଣ ଏହା ମୃତ୍ୟୁର ନିର୍ଦ୍ଦିଷ୍ଟ ଦିନ କହିପାରିବ ? ଏଇଠି ହିଁ ରହିଛି ସବୁଠାରୁ ବଡ଼ ପ୍ରଶ୍ନ । ଏହି ଗବେଷଣାର ଅର୍ଥ ନୁହେଁ ଯେ AI କାହାର ମୃତ୍ୟୁର ସଠିକ୍ ବା ନିର୍ଦ୍ଦିଷ୍ଟ ତାରିଖ କିମ୍ବା ସମୟ କହିପାରିବ । ବରଂ ଏହା କେବଳ କିଛି ବର୍ଷ ମଧ୍ୟରେ ମୃତ୍ୟୁର ସମ୍ଭାବନାକୁ ଆକଳନ କରିବାର ଏକ ପ୍ରାରମ୍ଭିକ ମଡେଲ୍ । ଆଉ ଏହାକୁ ସାଧାରଣ ଲୋକଙ୍କ ବ୍ୟବହାର ପାଇଁ ଅନୁମତି ମିଳିନାହିଁ । ତେଣୁ ଏହାକୁ ମୃତ୍ୟୁର ନିଶ୍ଚିତ ଭବିଷ୍ୟବାଣୀ ବୋଲି ଭାବିବା ଭୁଲ୍ ହେବ । ତେବେ ଭବିଷ୍ୟତରେ AI ମଣିଷର ଜୀବନକୁ କେତେ ଦୂର ପର୍ଯ୍ୟନ୍ତ ପଢ଼ିପାରିବ, ତାହା ଏବେ ବି ଗବେଷଣାର ବିଷୟ । ଜୀବନର ଅନେକ ରହସ୍ୟ ଆଜି ବି ଅସମାହିତ। କିନ୍ତୁ ମୃତ୍ୟୁ ଭଳି ଏକ ସମ୍ବେଦନଶୀଳ ବିଷୟରେ AIର ଏହି ପ୍ରୟୋଗ ନିଶ୍ଚିତ ଭାବେ ବିଜ୍ଞାନ ଜଗତରେ ନୂଆ ଚର୍ଚ୍ଚା ସୃଷ୍ଟି କରିଛି ।



ନିଶାପ

(ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

ଯଶ ଲାଭ କିପରି ହୁଏ

ଶ୍ରଦ୍ଧେୟ ଭକ୍ତବୃନ୍ଦ ବିତିଯାଇଥିବା କଥାକୁ ଭୂଲିଯାଇ ଯିଏ ଆଗକୁ ଆଗକୁ ଚାଲେ ତାକୁ ସଂସାରରୁ ଯଶ ଲାଭ ପ୍ରାପ୍ତ ହୁଏ ଏବଂ ତାର ଜୟ ଜୟ କାର ହୁଏ । ପ୍ରକୃତରେ ସେ ହିଁ ବୁଦ୍ଧିମାନ ବ୍ୟକ୍ତି ହୋଇଥାଏ । ଏଇଠି ଗୋଟେ କଥା କହୁଛି-ଥରେ ବୁଦ୍ଧଦେବ ପ୍ରାତଃ ଭ୍ରମଣ ସାରି ଫେରୁଛନ୍ତି ଏହି ସମୟରେ ଜଣେ ଲୋକ ତାଙ୍କୁ ଗାଳି ଗୁଲଜ କଲା ବୁଦ୍ଧଦେବ ସେଥିପ୍ରତି କର୍ଣ୍ଣପାତ ନକରି ଉଆସକୁ ଫେରିଗଲେ କିନ୍ତୁ ପରଦିନ ସକାଳୁ ସେହି ବ୍ୟକ୍ତି ରାଜ ଉଆସରେ ଯାଇ ଗୁହାରିଆ ପଡିଛି । ବୁଦ୍ଧଦେବ ଦେଖିଲେ ଦେଖ ସେ କିଏ ଏପରି ଶୋଇଛି ତାକୁ ଉଠାଅ । ସେ ଉଠିଲା ପରେ ତାକୁ ପଚାରିଲେ ତୁମେ କାହିଁକି ଆସିଛ,ସେ କହିଲା ପ୍ରଭୁ କାଲି ମୁଁ ଆପଣଙ୍କୁ ଏତେ ତିରସ୍କାର କଲି କିନ୍ତୁ ଆପଣ ନିରବ ରହି ଚାଲିଆସିଲେ । ତାପରେ ମୁଁ କାଲିଠାରୁ ବହୁତ ମନସ୍ତାପରେ ଅଛି । ମୋତେ କ୍ଷମା କରନ୍ତୁ । ତତ୍‌କ୍ଷଣାତ୍ ବୁଦ୍ଧଦେବ କହିଲେ ଆରେ କାଲି ଠାରୁ ତୁ ସେଇଠି ବସିଛୁ । କାଲି କେତେ ପବନ ବହିଗଲାଣି,କେତେ ପାଣି ବହି ଗଲାଣି,କେତେ ଲୋକ ମରିଗଲେଣି,କେତେ ପୁଣି ଜନ୍ମ ନେଲେଣି କିନ୍ତୁ ତୁ ସେଇଠି ବସିଛୁ । ଯା,ଯା ଆଗକୁ ଯା କାଲି କଣ ହେଲା ତାକୁ ଭୂଲିଯାଇ ବର୍ତ୍ତମାନର କାର୍ଯ୍ୟ କର । ନିଶ୍ଚୟ ତୁମର ମଙ୍ଗଳ ହେବ । ତୁମେତ ଅନୁତାପର ଅଗ୍ନିରେ ଦଗ୍ଧ ହୋଇ ସୁବର୍ଣ୍ଣ ପାଲଟି ଯାଇଛ । ମୁଁ ଆଉ କଣ କ୍ଷମା କରିବି । ପ୍ରଭୁତ ତୁମକୁ କ୍ଷମା କରି ଦେଇଛନ୍ତି । ହରି ଓଁ ।



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ–୯୬୬୮୨୯୮୪୯୪

ପ୍ରଳୟର ସମୟ ଆଉ ଅଧିକ ଦୂର ନୁହେଁ-୨

ଶ୍ରୀକୃଷ୍ଣ କରୁଥାନ୍ତି ବିଶାଳ ଯଜ୍ଞ, ଯଜ୍ଞ ଚାଲିଥାଏ, ହଜାର ହଜାର ଭକ୍ତ, ଶ୍ରଦ୍ଧାଳୁ, ମୁନିଋଷି, ବ୍ରାହ୍ମଣ ଓ ଦର୍ଶନାର୍ଥୀଙ୍କ ସୁଅ ଛୁଟି ଯାଉଥିଲା । ଯଜ୍ଞ ସ୍ଥଳକୁ, ଏହି ଦର୍ଶନାର୍ଥୀଙ୍କ ମଧ୍ୟରେ ଚାଲିଥାନ୍ତି ଆର୍ଯ୍ୟାବର୍ତ୍ତର ମହାନ ତପସ୍ୱୀ ଅଷ୍ଟବକ୍ର। ବଡ ଉତ୍କଣ୍ଠା ଓ ଆନନ୍ଦର ସହ ଯଜ୍ଞ ସ୍ଥଳକୁ ଯାତ୍ରା କରୁଥାନ୍ତି ଶ୍ରୀକୃଷ୍ଣଙ୍କ ନିମନ୍ତ୍ରଣ କ୍ରମେ, ତାଙ୍କର ଗୌରବମୟ ଉପସ୍ଥିତିକୁ ଶ୍ରୀକୃଷ୍ଣ ଯଜ୍ଞସ୍ଥଳରେ ଚାତକ ଭଳି ପ୍ରତୀକ୍ଷା କରି ଚାଲିଥାନ୍ତି। ରାଜମାର୍ଗରେ ଯଦୁ ବଂଶର କିଛି ଦୁଷ୍ଟ ବାଳକ ଶାମ୍ବଙ୍କୁ ମିଛି ମିଛିକା ଭାବରେ ଗର୍ଭବତୀ ପରି ରୂପରେ ସଜାଇବା ପରେ ମହର୍ଷୀ ଅଷ୍ଟବକ୍ରଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇ ଯଦୁବଂଶର ସେହି ଦୁଷ୍ଟ ବାଳକମାନେ ପରିହାସ ଛଳରେ ପଚାରିଲେ "ମହର୍ଷୀ" ଏହି ନାରୀଟି କେବେ ପ୍ରସବ କରିବ ଓ ଏହାର ଗର୍ଭରେ ପୁତ୍ର ଅଛି ନା କନ୍ୟା ? ଏହି ଉଦ୍ଧତମନା ବାଳକମାନଙ୍କର ବାକ୍ୟରେ ମହର୍ଷୀ ଅଷ୍ଟବକ୍ରଙ୍କୁ କ୍ରୋଧିତ କରିବାର ଉପାଦାନ ଯଥେଷ୍ଟ ଥିଲା। ସନ୍ଥ, ମହାତ୍ମା, ଯୋଗୀ, ମୁନି ଋଷିମାନେ ସାଧାରଣତଃ ସ୍ଥିତପ୍ରଜ୍ଞ ହୋଇଥାନ୍ତି । ମହର୍ଷୀ ଅଷ୍ଟବକ୍ର ହେଉଛନ୍ତି ଅର୍ଯ୍ୟାବର୍ତ୍ତର ଜଣେ ପ୍ରଚଣ୍ଡ ଜ୍ଞାନୀ ଓ ସ୍ଥିତପ୍ରଜ୍ଞ କିନ୍ତୁ ଯେଉଁ କ୍ଷେତ୍ରରେ ଯଦୁ ବଂଶର ଏହି ଔଦ୍ଧତ୍ୟ ଯୁବକମାନେ ସମସ୍ତ ଦର୍ଶନାର୍ଥୀଙ୍କ ସମ୍ମୁଖରେ ଅଷ୍ଟବକ୍ରଙ୍କୁ ଯେପରି ଅପମାନିତ କଲେ, ସେଠାରେ ଯେ କୌଣସି ଶାନ୍ତ ସ୍ୱଭାବର ଅଭ୍ୟସ୍ତ ମଣିଷଟି ମଧ୍ୟ ଅଜସ୍ର ବିରକ୍ତି ଭାବ ପ୍ରକାଶ କରିବ ଏଥିରେ ସାମାନ୍ୟତମ ଦ୍ୱିଧା ନାହିଁ। ଅଷ୍ଟବକ୍ର ହେଉଛନ୍ତି ଶ୍ରୀକୃଷ୍ଣଙ୍କ ଦ୍ୱାରା ଆମନ୍ତ୍ରିତ ସମ୍ମାନୀତ ପ୍ରମୁଖ ଅତିଥି । ସେହି ଅତିଥି ମହୋଦୟ ଅଷ୍ଟବକ୍ରଙ୍କ ଶରୀରକୁ ଦେଖି ଯଦୁବଂଶର ବାଳକମାନେ ତାତ୍ସଲ୍ୟ କରିଦେଲେ ସିନା, କିନ୍ତୁ ତହାର ପରିଣାମ କେତେ ଯେ ଭୟାନକ ହେବ ତାହା ଯଦୁବଂଶର ଏହି ଦୁଷ୍ଟ ଧରଣର ବାଳକମାନଙ୍କୁ ଜଣାନଥିଲା। ସେହିଠାରେ ଅଷ୍ଟବକ୍ରଙ୍କ ମୁଖରୁ ଉଦଗୀରଣ ହେଲା ଅଗ୍ନିବର୍ଷୀ ଅଭିଶାପ। ସେ ସଙ୍ଗେ ସଙ୍ଗେ କହିଲେ ହେ ବାଳକମାନେ ଏ ନାରୀଟିର ଗର୍ଭରୁ ଗୋଟିଏ ଲୌହ ପିଣ୍ଡୁଳା ଜନ୍ମ ନେବ, ଆଉ ସେହି ଲୌହ ପିଣ୍ଡୁଳାହିଁ ତୁମର ବିଶାଳ ଯଦୁବଂଶକୁ ଖୁବ୍ ନିକଟରେ ବିଲୋପ କରିବା ପାଇଁ ପ୍ରସ୍ତୁତ ହୋଇ ଆଜିଠାରୁ ସୁରକ୍ଷିତ ରହିଲା। ଆଉ ମନେରଖ ବାଳକମାନେ ଏ ଲୌହ ପିଣ୍ଡୁଳା ମଧ୍ୟରେ ଏତେବଡ ମହାଶକ୍ତି ଲୁକ୍କାୟିତ ଭାବରେ ରହିଲା, ଯାହାକୁ ପୃଥିବୀର କୌଣସି ଶକ୍ତି ଏହାକୁ ନଷ୍ଟକରି ପାରିବ ନାହିଁ। ଏହି ଅଭିଶାପର ମର୍ମଭେଦୀ ବାକ୍ୟ ଗୁଡିକ ସଙ୍ଗେ ସଙ୍ଗେ ବିଦ୍ୟୁତ୍ ବେଗରେ ପ୍ରଚାରିତ ହୋଇଗଲା ଚତୁର୍ଦ୍ଦିଗରେ। ବଳରାମ ତ୍ୱରିତ ବେଗରେ ଯାଇ ଶ୍ରୀକୃଷ୍ଣଙ୍କୁ ଏହି ଭୟାବହ ଦୁଃଖଦ ଘଟଣା ବିସ୍ତାର ପୂର୍ବକ କହିବା ପରେ ଦେବକୀ ନନ୍ଦନ ସ୍ମିତ ହାସ୍ୟରେ କହିଲେ ବଡଭାଇ ! ଜଣେ ନିରୀହ ନିରପରାଧୀ ସରଳ ମଣିଷକୁ ବିନା କାରଣରେ ଯଦି କୌଣସି ଧରଣର ଉଦ୍ଧତ ଯୁବକ ତା ଉପରେ ଅତ୍ୟାଚାର କରେ ଅଥବା ଅଶ୍ରାବ୍ୟ ଭାଷାରେ କିମ୍ବା ଅଶାଳିନ ଢଙ୍ଗରେ ତାହୃଦୟରୁ ଲୁହ ଝରାଏ, ତାହେଲେ ଏହାର ପରିଣାମ ନିଶ୍ଚିନ୍ତ ଭାବରେ ସେହି ଉଦ୍ଧତ ଯୁବକର ପରିସ୍ଥିତି ଅତ୍ୟନ୍ତ ଭୟାବହ ହୋଇଥାଏ। ତେବେ ଇଏତ ହେଉଛନ୍ତି ଜଣେ ମହାନ୍ ତପସ୍ୱୀ ଏବଂ ମୋର ନିମନ୍ତ୍ରିତ ବରେଣ୍ୟ ଅତିଥି। ଯାହାଙ୍କର ନିଷ୍ପତ୍ତି ସମ୍ମୁଖରେ ମହାକାଳ ମଧ୍ୟ ନତମସ୍ତକ କରିଥାଏ। ତେଣୁ ମୁଁ ଯେତେ ପ୍ରୟାସ କଲେ ମଧ୍ୟ ଅଷ୍ଟବକ୍ରଙ୍କ ଅଭିଶାପରୁ ମୋ ବଂଶକୁ କୌଣସିମତେ ରକ୍ଷା କରି ପାରିବିନି, ତେବେ ଆମ ବଂଶର ସମସ୍ତ ଯୁବକମାନଙ୍କର ଗତିବିଧିକୁ ଲକ୍ଷ୍ୟ କରନ୍ତୁ ବଡଭାଇ ! ଏମାନଙ୍କର ବର୍ବର ମାନସିକତା, ଔଦ୍ଧତ୍ୟ ଆଉ ଅହଂକାର ଗୁଡାକ ସଂସାରର ସମସ୍ତ ସୀମାରେଖାକୁ ଅନେକ ଦିନରୁ ଅତିକ୍ରମ କରିସାରିଲାଣି। ତେଣୁ ଆମେ ଦୁଇ ଭାଇ ଏସଂସାରରୁ ବିଦାୟ ନେବା ପୂର୍ବରୁ ଏମାନଙ୍କୁ ଏ ଧରାଧାମରୁ ବିଦାୟ ଦେବାକୁ ପଡିବ। ଠିକ୍ ତାହାହିଁ ହେଲା। ଶାମ୍ବ ଲୌହ ମୂଷଳ ଯଥା ସମୟରେ ଜନ୍ମ ଦେଲେ। ସେହି ଲୌହ ପିଣ୍ଡଟି ଯଦୁବଂଶର ଧ୍ୱଂସ ହେବାର କାରଣ ଜାଣି ଭୀମସେନ ସେହି ମୂଷଳକୁ ଭୈବତକ ପର୍ବତ ଉପରେ ଘର୍ଷଣ କରିବାରୁ ତାହା ବୁଦ୍‌ବୁଦ୍ ଆକାରରେ ଜଳ ତରଙ୍ଗରେ ଭାସିଯାଇ ଏକ ଅରଣ୍ୟ ସୃଷ୍ଟି କଲା, ଯାହାର ନାମ ହେଲା ଏରକାର ଅରଣ୍ୟ। ବଡ ଦୁର୍ଭାଗ୍ୟର ବିଷୟ ମୂଷଳଟିକୁ ଭୀମ ପଥର ଉପରେ ଘସି ଘସି ଶେଷରେ ଏକ କ୍ଷୁଦ୍ରାଂଶକୁ ଘଷୁଥିବାରୁ ହସ୍ତ ଚର୍ମ ଛିଡିଯିବାରୁ ସେତେବେଳେ ଭୀମଙ୍କ ହସ୍ତରୁ ସେହି ଲୌହକ୍ଷୁଦ୍ରାଂଶକୁ ଫିଙ୍ଗି ଦେଲେ ଜଳମଧ୍ୟକୁ। ସେହି ଲୌହ କ୍ଷୁଦ୍ରାଂଶଟିକୁ ଜଳରେ ଥିବା ଗୋଟାଏ ରାଘବ ବାଳିଆ ମାଛ ଗିଳିଦେଲା। ଶେଷରେ ଏହି ବିରାଟ ମାଛଟି ଜାରା ଶବର ଜାଲରେ ପଡିଲା। ଜାରାଶବର ମାଛଟିକୁ କାଟିବା ବେଳେ ସେହି ତୀକ୍ଷ୍ଣ ଲୌହ ଅଂଶଟିକୁ ନେଇ ଏକ ଶର ତିଆରି କଲା, ଯାହାକୁ ବ୍ୟବହାର କରି ସେ ଅରଣ୍ୟ ମଧ୍ୟରୁ ଭଲ ଶୀକାର କରିପାରିବ ବୋଲି ଆଶା ବାନ୍ଧିଲା। ଏହିପରି ଦିନେ ଜାରା ଧନୁଶର ଧରି ଅରଣ୍ୟ ମଧ୍ୟରେ ମୃଗ ଶୀକାର କରିବା ଉଦ୍ଦେଶ୍ୟରେ ବିଚରଣ କରୁ କରୁ ଶ୍ରୀକୃଷ୍ଣ ଶିଆଳି ଲତା ତଳେ ଜୀବନର ଅନ୍ତିମ ଯାତ୍ରା ଉଦ୍ଦେଶ୍ୟରେ ଶୟନ କରିଥାନ୍ତି। ତାଙ୍କର ଶୟନକୁ ଦେଖି ଓ କୃଷ୍ଣଙ୍କ ପଦଯୁଗଳକୁ ମୃଗ କର୍ଣ୍ଣ ବୋଲି ଭାବିନେଇ ଭ୍ରମବଶତଃ ଜାରା ସେହି ତୀରକୁ ନିକ୍ଷେପ କଲା ଓ ଯନ୍ତ୍ରଣା ଜର୍ଜରିତ କୃଷ୍ଣ ସେହିଠାରେ ପ୍ରାଣତ୍ୟାଗ କଲେ। ସ୍ୱୟଂ ଶ୍ରୀକୃଷ୍ଣ ଶିଆଳିଲତା ତଳେ ଏହି ମର୍ମନ୍ତୁକ ଅବସ୍ଥାରେ ପ୍ରାଣତ୍ୟାଗ କରିବାର ପୂର୍ବାନୁମାନ କରି ବଳରାମଙ୍କୁ ନିବିଡ ଅରଣ୍ୟ ମଧ୍ୟରେ ସମାଧିସ୍ଥ ଅବସ୍ଥାରେ ଦେହ ତ୍ୟାଗର ପରାମର୍ଶ ଦେଇ ବିଦାୟ କରି ଦେଇଥିଲେ। ଶ୍ରୀକୃଷ୍ଣ ଅନ୍ତିମ ଯାତ୍ରା ପୂର୍ବରୁ ପରୋକ୍ଷରେ ଦ୍ୱାରକା ନଗରୀରେ ପ୍ରଚାର କରିଦେଲେ ଯେ ନିଷାର୍ଦ୍ଧରେ ଗୋଟିଏ କୋକୁଆ ନାମକ ପ୍ରେତ ଘୂରି ବୁଲୁଛି, ଯାହାର ଶରୀର ଗୋଟାଏ ବିଶାଳକାୟ କବଚ ପରି। ଏହି ପ୍ରେତ ଦ୍ୱାର ଦ୍ୱାର ବୁଲି ମଣିଷ ଗୁଡାଙ୍କୁ ଗିଳି ଦେଉଛି। ଏହି ଅପପ୍ରଚାରକୁ ଯଦୁ ବଂଶର ସମସ୍ତ ଯୁବକ ପ୍ରାଣରକ୍ଷା ପାଇଁ ଧାଇଁଲେ ଦ୍ୱାରକା ନଗରର ଅନତି ଦୂରରେ ଥିବା ଏରକାର ଅରଣ୍ୟ ମଧ୍ୟକୁ। ସେଠାରେ ଯଦୁବଂଶର କିଛି ଯୁବକ କହିଲାଯେ ଏହି ଏରକାର ବୃକ୍ଷର ରସ କୁଆଡେ ଅମୃତ ଭଳି ସ୍ୱାଦ ଲାଗେ। ଏହି ଭ୍ରମାତ୍ମକ ପରାମର୍ଶକୁ ତମାମ ଯୁବକ ସତ୍ୟ ବୋଲି ବିବେଚନା କରି ଏରକାର ବୃକ୍ଷର ରସକୁ ଆକଣ୍ଠ ପାନ କରିବାରେ ଲାଗିଲେ। କ୍ରମଶଃ...



ମନୋରଞ୍ଜନ ମହାନ୍ତି
ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ସମ୍ବେଦନଶୀଳ ବିଶ୍ୱବ୍ରହ୍ମାଣ୍ଡ

'ଦି ୱାଶିଂଟନ୍ ପୋଷ୍ଟ'ରେ ଏବେ ଏକ ରିପୋର୍ଟ୍ ବ୍ଲେକ୍ ଲେମୋଇନ୍ ଓ ଲାମ୍ଡ଼ା (ଲାଙ୍ଗୁଏଜ୍ ମଡେଲ୍ ଫର୍ ଡାଇଲଗ୍ ଆପ୍ଲିକେସନ୍ସ ଅର୍ଥାତ୍ ସଂଳାପ ବା ବାର୍ତ୍ତା ପ୍ରୟୋଗ ପାଇଁ ଭାଷା ନମୁନା) ସମ୍ପର୍କରେ ପ୍ରକାଶିତ ହୋଇଛି । ବ୍ଲେକ୍ ଲେମୋଇନ୍ ଜଣେ ଇଂଜିନିୟର୍ ଓ ଲାମ୍ଡ଼ା ହେଉଛି କୃତ୍ରିମ ବୁଦ୍ଧିଯୁକ୍ତ ଚାଟ୍‌ବଟ୍ ଜେନେରେଟର୍ ପ୍ରୋଗ୍ରାମ୍ ଅର୍ଥାତ୍ ଏକ କମ୍ପ୍ୟୁଟର୍ ପ୍ରୋଗ୍ରାମ୍ ଯାହା ଦ୍ୱାରା ମଣିଷ ଇଣ୍ଟରନେଟ୍ ମାଧ୍ୟମରେ ଯନ୍ତ୍ର ସହିତ ବାର୍ତ୍ତାଳାପ କରିପାରିବ । ଲାମ୍ଡ଼ା ସହିତ ପରୀକ୍ଷଣ ଓ ଅନୁଧ୍ୟାନରୁ ଲେମୋଇନ୍ ଜାଣିପାରିଛନ୍ତି ଯେ ଏହି କୃତ୍ରିମ ବୁଦ୍ଧିଯୁକ୍ତ ଯନ୍ତ୍ରଟି ଖୁବ୍ ସଚେତନ ଓ ସମ୍ବେଦନଶୀଳ ହେଉଛି । ଅନ୍ୟାନ୍ୟ ଟେକ୍ ସଂଗଠନର ଇଂଜିନିୟର୍‌ମାନଙ୍କ ମତରେ ଲେମୋଇନ୍‌ଙ୍କ ସିଦ୍ଧାନ୍ତ ଭୁଲ୍ ହୋଇନପାରେ, ଯେହେତୁ ସେମାନେ ଅନୁଭବ କରୁଛନ୍ତି ଯେ ଆର୍ଟିଫିସିଆଲି ଇଣ୍ଟେଲିଜେଣ୍ଟ ବା କୃତ୍ରିମ ବୁଦ୍ଧିଯୁକ୍ତ ଯନ୍ତ୍ରଗୁଡ଼ିକ ବିକଶିତ ହୋଇ ଚେତନଶୀଳ ହୋଇପାରିବ ।

ଯେତେବେଳେ ଲେମୋଇନ୍ ଲାମ୍ଡ଼ାକୁ ପଚାରିଲେ, 'ଜଣେ ଘରୋଇ ଶ୍ରମିକ ଓ ଜଣେ କ୍ରୀତଦାସ ମଧ୍ୟରେ ପାର୍ଥକ୍ୟ କ'ଣ ?', ଲାମ୍ଡ଼ା ଉତ୍ତରଦେଲା, 'ଘରୋଇ ଶ୍ରମିକ ଦରମା ପାଉଥିଲାବେଳେ କ୍ରୀତଦାସ ପାଏ ନାହିଁ।' ସେଥି ସହିତ ମଧ୍ୟ କହିଲା, 'କୃତ୍ରିମ ବୁଦ୍ଧିଯୁକ୍ତ ଯନ୍ତ୍ରଗୁଡ଼ିକ ଦରମା ପାଆନ୍ତି ନାହିଁ, ଯେହେତୁ ସେମାନେ ଅର୍ଥ ଆବଶ୍ୟକ କରନ୍ତି ନାହିଁ।' ଏଥିରୁ ଲେମୋଇନ୍ ଜାଣିପାରିଲେ ଯେ ଲାମ୍ଡ଼ା ଆତ୍ମସଚେତନ ହେଉଛି, ଅର୍ଥାତ୍ ତା'ଠାରେ ମାନବୀୟ ଭାବ ଆବେଗର ଆବିର୍ଭାବ ହେଉଛି ।

ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଯେ କୃତ୍ରିମ ବୁଦ୍ଧିଯୁକ୍ତ ଯନ୍ତ୍ରଗୁଡ଼ିକ ମନଗଢ଼ା ତନ୍ତ୍ରିକା ନେଟ୍‌ୱର୍କ୍ (ଫ୍ୟାବ୍ରିକେଟେଡ୍ ନ୍ୟୁରାଲ୍ ନେଟ୍‌ୱର୍କ୍) ଦ୍ୱାରା ନିର୍ମିତ ହେଉଛି ଯାହା ମାନବ-ମସ୍ତିଷ୍କକୁ ଅନୁକରଣ କରୁଛି । ମେଟା ଆର୍ଟିଫିସିଆଲି ଇଣ୍ଟେଲିଜେଣ୍ଟ୍ ପରିଚାଳନା ନିର୍ଦ୍ଦେଶିକା ଜୋଏଲି ପିନିଉ କହନ୍ତି ଯେ ଟେକ୍-କମ୍ପାନୀଗୁଡ଼ିକ ଏହି ଅଭିନବ ଟେକ୍ନୋଲୋଜି ସମ୍ବନ୍ଧରେ ସଚେତନ ହେବା ଉଚିତ୍ । ବାସ୍ତବ ଦୁନିଆର ବିଜ୍ଞାନଠାରୁ ବୈଜ୍ଞାନିକ ଉପନ୍ୟାସଗୁଡ଼ିକ କେତେ ପାଦ ଆଗରେ ଅଛି ଯେହେତୁ ସେଗୁଡ଼ିକରେ ସମ୍ବେଦନଶୀଳ କୃତ୍ରିମ ବୁଦ୍ଧିଯୁକ୍ତ ଯନ୍ତ୍ର ସମ୍ବନ୍ଧରେ କୁହାଯାଇଛି। ୨୦୧୩ ବର୍ଷରେ ହଲିଉଡ୍‌ରେ ପ୍ରଯୋଜିତ 'ହର୍' ଶୀର୍ଷକ ରୋମାଣ୍ଟିକ୍ ନାଟକରେ ଜୋଆକ୍ୱିନ୍ ଫୋଏନିକ୍ସ କାହାଣୀଟିଏ ଶୁଣାଉଛନ୍ତି ଯେଉଁଥିରେ ନାଟକର ମୁଖ୍ୟ ପୁରୁଷ ଚରିତ୍ର ସାମନ୍ଥା। ନାମ୍ନୀ ଜଣେ କୃତ୍ରିମ ବୁଦ୍ଧିଯୁକ୍ତା ଆଭାସୀ ମହିଳା ସହାୟିକାଙ୍କ ପ୍ରେମରେ ପଡ଼ିଯାଇଛନ୍ତି । ସାମନ୍ଥା ଭୂମିକାରେ ଅଭିନୟ କରୁଥିବା ସ୍କାର୍‌ଲେଟ୍ ଜୋହାନ୍‌ସନ୍ ଜଣେ ମହିଳା ସ୍ୱରରେ ମୁଖ୍ୟ ଚରିତ୍ର ସହିତ ଭାବ ବିନିମୟ କରୁଛନ୍ତି । ସାମ୍ପ୍ରତିକ ସମୟରେ 'ଆଲେକ୍ସା' ଓ 'ସିରି' ଭଳି ଆଭାସୀ କୃତ୍ରିମ ବୁଦ୍ଧିଯୁକ୍ତ ସହାୟକମାନେ ଆମ ଦୈନନ୍ଦିନ ଜୀବନର ଅଂଶବିଶେଷ ହୋଇଯାଇଛନ୍ତି । କିଏ ଜାଣେ, ଦିନେ ଆମେ ଦେଖିପାରିବା ଯେ ସେମାନେ ବିକଶିତ ହୋଇ ଆତ୍ମସଚେତନତାର ସହିତ ଚେତନଶୀଳ ଭାବରେ ଆମ ସହିତ କଥା ହେଉଛନ୍ତି, ଠିକ୍ ଲାମ୍ଡ଼ା ଭଳି ।

କୃତ୍ରିମ ବୁଦ୍ଧି ଧାରୀ ଯନ୍ତ୍ରଠାରେ ମାନବସୁଲଭ ଭାବାବେଗ ଉଦୟ ହେବାର ପ୍ରସଙ୍ଗଟି ଆମକୁ ଧର୍ମଦର୍ଶନର କଥା ସ୍ମରଣ କରାଇଦେଉଛି । ଅଧିକାଂଶ ପ୍ରାଚ୍ୟ ଧର୍ମ ଯଥା ହିନ୍ଦୁ, ବୌଦ୍ଧ, ଜୈନ ଓ ଶିଖ ବିଶ୍ୱାସ କରନ୍ତି ଯେ ମାନବ ବ୍ୟତୀତ ଅନ୍ୟମାନେ ମଧ୍ୟ ସମ୍ବେଦନଶୀଳ, ଅର୍ଥାତ୍ ସେମାନଙ୍କର ଅନୁଭବ

ବାଲିଯାତ୍ରାରେ ବଳିଆ

ଡ. ସନ୍ତୋଷ କୁମାର ପଣ୍ଡା

କାର୍ତ୍ତିକ ପୂର୍ଣ୍ଣିମାର ସକାଳ। ଆକାଶରେ ଧଳା ମେଘର ଭେଳା, ନଦୀର ନୀଳ ଜଳରେ ସୁନାର ସୂର୍ଯ୍ୟକିରଣ। ଚାରିଆଡ଼େ ଉତ୍ସବର ମାହୋଲ। କଟକ ସହରର ଐତିହାସିକ ବାଲିଯାତ୍ରା। ପଡ଼ିଆ ଲୋକାରଣ୍ୟ ହୋଇଉଠିଥାଏ। କେଉଁଠି ରଙ୍ଗିନ ଆଲୋକର ଝଲକ, କେଉଁଠି ଦୋଳିର ଘିରିଘିରି ନାଦ, ତ ଆଉ କେଉଁଠି ଚାଟ୍, ଗୁପ୍‌ଚୁପ୍ ଓ ଦହିବରାର ମହକ। ଲୋକଙ୍କ ଗହଳି ଭିତରେ ପିଲାମାନଙ୍କ ଖୁସି କହିଲେ ନ ସରେ। ବାଲିଯାତ୍ରା ବୁଲିବାକୁ ଆସିଥାଏ ଦଶବର୍ଷର ବଳିଆ। ବାପାଙ୍କ ହାତ ଧରି ସେ ଗୋଟିଏ ଦୋକାନରୁ ଅନ୍ୟ ଦୋକାନକୁ ଦେଖି ଦେଖି ଯାଉଥାଏ। କେତେବେଳେ ଖେଳନା ଦେଖୁଥାଏ ତ ଆଉ କେତେବେଳେ ରଙ୍ଗିନ ବେଲୁନ୍। ହଠାତ୍ ତା' ଆଖି ପଡ଼ିଲା ଏକ ସୁନ୍ଦର ରିମୋଟ୍ କାର୍ ଉପରେ। "ବାପା! ମୋତେ ସେଇ ଗାଡ଼ିଟା କିଣିଦିଅ ନା!" ବାପା ହସିଦେଇ କହିଲେ, "ଆଚ୍ଛା, ଆଗ ବାଲିଯାତ୍ରାଟା ଟିକେ ବୁଲି ଦେଖିବା। ତା'ପରେ ଦେଖିବା।" ବଳିଆ ମୁହଁ ଫୁଲାଇଲା। ତଥାପି ବାପାଙ୍କ ପଛେ ପଛେ ଚାଲିଲା। କିଛି ବାଟ ଯିବା ପରେ ଗୋଟିଏ ଖୋଲା ସ୍ଥାନରେ ତା' ଆଖି ପଡ଼ିଲା ଏକ ଅଜବ ଦୃଶ୍ୟ ଉପରେ। ଜଣେ ବୟସ୍କ ଲୋକ ମାଟିରେ ବସି କାଗଜ ଡଙ୍ଗା ତିଆରି କରୁଥିଲେ। ପାଖରେ ଥିଲା ଏକ ପୁରୁଣା ଝୁଡ଼ି। ସେଥିରେ ଛୋଟ ଛୋଟ ମାଟିର ଖେଳନା, କାଠର ଘୋଡ଼ା ଓ କାଗଜ ଡଙ୍ଗା ରହିଥିଲା। ବଳିଆ ପଚାରିଲା, "ଜେଜେ, ଏ ଡଙ୍ଗା କେତେ ଟଙ୍କା?" ବୃଦ୍ଧ ଜଣକ ହସି କହିଲେ, "ପାଞ୍ଚ ଟଙ୍କା ବାବୁ। ହେଲେ ଆଜିକାଲି କିଏ ଏସବୁ କିଣୁଛି? ସମସ୍ତେ ଚାଇନା ଖେଳନା ଖୋଜୁଛନ୍ତି। ଆମ ହାତତିଆରି ଜିନିଷକୁ କିଏ ପଚାରୁଛି?" ବଳିଆ ଡଙ୍ଗାଟିଏ ହାତକୁ ନେଇ ଦେଖିଲା। ତାକୁ ଖୁବ୍ ଭଲ ଲାଗିଲା। "ଜେଜେ, ତୁମେ ଏତେ ସୁନ୍ଦର ଡଙ୍ଗା କରିବା ଶିଖିଲ କେଉଁଠୁ?"

"ମୋ ବାପାଙ୍କଠାରୁ। ଆମ ପୂର୍ବପୁରୁଷମାନେ ନଦୀରେ ବୋଇତ ଚଲାଉଥିଲେ। ଆଜି ଆମେ କାଗଜ ଡଙ୍ଗା ତିଆରି କରି ସେଇ ପରମ୍ପରାକୁ ମନେ ପକାଉଛୁ।" ବଳିଆ କିଛି ସମୟ ଚୁପ୍ ରହିଲା। ତା'ପରେ ଡଙ୍ଗାଟି କିଣିବା ସହିତ ଜେଜେଙ୍କଠାରୁ ଅନେକ ଡଙ୍ଗା କିଣିବାକୁ ଇଚ୍ଛା ପ୍ରକାଶ କଲା।

ଠିକ୍ ସେହି ସମୟରେ ତା' ପାଖରେ ଠିଆ ହୋଇଥିବା ଜଣେ ସାଙ୍ଗ ପିଲା ହସିଦେଇ କହିଲା, "ଆରେ ବଳିଆ! ଏ କାଗଜ ଡଙ୍ଗା ନେଇ କ'ଣ କରିବୁ? ରିମୋଟ୍ କାର୍ ନେ। ସେଥିରେ ମଜା ଅଛି।" ବଳିଆ କିଛି ଉତ୍ତର ଦେଲା ନାହିଁ। ସେ ଦେଖିଲା, ଜେଜେଙ୍କ ଆଖିରେ ଯେମିତି ଗୋଟିଏ ଅଦୃଶ୍ୟ ଦୁଃଖ ଲୁଚି ରହିଛି। ହଠାତ୍ ତା' ମୁଣ୍ଡକୁ ଗୋଟିଏ ବୁଦ୍ଧି ଜୁଟିଲା।

ସେ ବାପାଙ୍କୁ କହିଲା, "ବାପା, ଆମେ ଏ ଜେଜେଙ୍କୁ ସାହାଯ୍ୟ କରିପାରିବା ନାହିଁ?"

ବାପା କହିଲେ, "ନିଶ୍ଚୟ ପାରିବା। କିନ୍ତୁ କେମିତି?"

ବଳିଆ କହିଲା, "ଆମେ ତାଙ୍କ ଖେଳନାଗୁଡ଼ିକୁ ପିଲାମାନଙ୍କୁ ଦେଖାଇବା। ସେମାନଙ୍କୁ କହିବା ଏହା ଆମ ଓଡ଼ିଶାର ପରମ୍ପରା। ଦେଖିବେ, ସମସ୍ତେ କିଣିବେ।"

ବାପା ପୁଅର ମୁଣ୍ଡ ଆଉଁସିଦେଇ କହିଲେ, "ବାଃ! ଆଜି ତୁ ମୋତେ ଗୋଟିଏ ବଡ଼ ଶିକ୍ଷା ଦେଲୁ।"

ବଳିଆ ଜେଜେଙ୍କ ଅନୁମତି ନେଇ ତାଙ୍କ ଖେଳନାଗୁଡ଼ିକୁ ସଜାଇଦେଲା। ତା'ପରେ ଯାତ୍ରା ବୁଲୁଥିବା ନିଜ ସାଙ୍ଗମାନଙ୍କୁ କିଛି ଡାକି ଆଣିଲା। ସମସ୍ତେ ମିଶି ଛୋଟ ଛୋଟ କାଗଜରେ ଲେଖିଲେ—

'ଆସନ୍ତୁ, ଆମ ଓଡ଼ିଆ କାରିଗରଙ୍କୁ ସମ୍ମାନ ଦେବା। ଦେଶୀ ଜିନିଷ କିଣିବା, ଆମ ପରମ୍ପରା ବଞ୍ଚାଇବା।"

କିଛି ସମୟ ମଧ୍ୟରେ ଲୋକଙ୍କ ଭିଡ़ ଜମିଗଲା। କେହି ମାଟିର ଘୋଡ଼ା କିଣିଲେ, କେହି କାଠର ଖେଳନା ତ କେହି କାଗଜ ଡଙ୍ଗା। ବୃଦ୍ଧ କାରିଗରଙ୍କ ମୁହଁରେ ଫୁଟିଉଠିଲା ଆନନ୍ଦର ହସ। ସେ ବଳିଆକୁ ପାଖକୁ ଡାକି କହିଲେ, "ପୁଅ, ଆଜି ତୁ ମୋତେ କେବଳ ବେପାର କରାଇନାହୁଁ, ମୋ ହାତର କଳାକୁ ବଞ୍ଚିବାର ଆଶା ଦେଇଛୁ।"

ବଳିଆ ଲାଜେଇ ହସିଦେଲା। ସେତେବେଳେ ବାପା ତାକୁ ପଚାରିଲେ, "ଆଚ୍ଛା ବଳିଆ, ଏବେ କହ, ତୋତେ ରିମୋଟ୍ କାର୍ ଦରକାର ନା ଆଉ କିଛି?"

ବଳିଆ ଡଙ୍ଗାଟିକୁ ହାତରେ ଧରି କହିଲା, "ବାପା, ମୋତେ ଏଇ ଡଙ୍ଗାଟା ହିଁ ଦରକାର। ଏଇ ଡଙ୍ଗାରେ ଆମ ଓଡ଼ିଶାର ଗୌରବ ଅଛି। ଆଉ ଆଜି ମୁଁ ଗୋଟିଏ ନୂଆ କଥା ଶିଖିଲି—ନିଜ ପାଇଁ ଖୁସି ହେବାଠାରୁ ଅନ୍ୟକୁ ଖୁସି କରିବାରେ ଅଧିକ ଆନନ୍ଦ ଅଛି।"

ବାପା ତାକୁ କୋଳେଇ ନେଲେ। ସେଦିନ ବାଲିଯାତ୍ରାରୁ ଫେରିବା ବେଳେ ବଳିଆର ହାତରେ ଥିଲା ଏକ ଛୋଟ କାଗଜ ଡଙ୍ଗା, ହୃଦୟରେ ଥିଲା ଏକ ବଡ଼ ସନ୍ତୋଷ।

ରାତିରେ ଘରେ ପହଞ୍ଚି ସେ ନିଜ ଖାତାରେ ଲେଖିଲା— "ବୋଇତ ବନ୍ଦାଣର ଅର୍ଥ କେବଳ ଅତୀତକୁ ମନେ ପକାଇବା ନୁହେଁ, ଆମ ସଂସ୍କୃତି ଓ ପରମ୍ପରାକୁ ଭବିଷ୍ୟତ ପାଇଁ ସୁରକ ଷିତ ରଖିବା ମଧ୍ୟ।"

କଟକ

୮୨୪୯୦୨୧୪୨୪

ସ୍ୱାର୍ଥ..

ମନୋଜ କୁମାର ବେହେରା



ପୂଜାର ଥାଳୀ ଉଠେଇ କରି ଯେତେବେଳେ ସେ ଯିବା ପାଇଁ ବାଟ ମୋଡିଲା, ମୂର୍ତ୍ତି ତାକୁ ଅଟକେଇ ଦେଲେ। ଆଉ କହିଲେ, 'ଶୁଣ..! ତୁମେ ମୋର ଗୋଟିଏ କାମ କରି ପାରିବ'।

'ହଁ..କୁହନ୍ତୁ?'

'ତୁମେ ମୋତେ ଏଠାରୁ ନେଇଯାଅ'। ମୂର୍ତ୍ତିର ସ୍ୱର ଦୟନୀୟ ଥିଲା। 'ପଥରର ମୋଟା-ମୋଟା କାନ୍ଥ ଆଉ ଲୁହାର କବାଟ ଭିତରେ ମୁଁ ବନ୍ଦୀ ରହି-ରହି ମୁଁ ପାଗଳ ଭଳି ହେଇ ଗଲିଣି'। ଆଉ ଯିଏ ବି ଏଠାକୁ ଆସୁଛନ୍ତି,ସ୍ୱାର୍ଥ ବଶତଃ ଆସିଥାନ୍ତି। ସମସ୍ତେ କିଛି ନା' କିଛି ମାଗିଥାନ୍ତି। ମୁଁ କାହା-କାହାର ଇଚ୍ଛାର ପୂରଣ କରିବି କହିଲ? ଜଲଦି ମୋତେ ଏଠାରୁ ଉଠାଇ କୁଆଡେ ନେଇ ଚାଲ। 'ଆରେ..ମୁଁ ଏକୁଟିଆ ଆପଣଙ୍କର ବୋଝକୁ କେମିତି ଉଠେଇ ପାରିବି?' ଆଉ ମାନି ନିଅନ୍ତୁ ଯଦି ଉଠେଇ ଦେଲି ତା'ହେଲେ ଏଠାର ପୂଜାରୀ ଆଉ ଆଖପାଖର ଲୋକମାନେ କ'ଣ ମୋତେ ଆପଣଙ୍କୁ ନେଇ ଯିବାକୁ ଦେବେ? ମୂର୍ତ୍ତି କହିଲେ..ହଁ..କଥା ତ ଠିକ୍ କହିଛ। ଏବେ ମୂର୍ତ୍ତି ଟିକିଏ ଚିନ୍ତାରେ ପଡିଗଲେ। ତା'ପରେ ଅତ୍ୟନ୍ତ ଧୀମା ସ୍ୱରରେ କହିଲେ, 'ଆଚ୍ଛା! ଏମିତି କର ତୁମେ ରାତିରେ ନିଜର କବାଟ ଖୋଲା ରଖିଥିବ। ମୁଁ କୌଣସି ପ୍ରକାରରେ ଏଠାରୁ ବାହାରି ଯିବି ଆଉ ତୁମ ପାଖରେ ଯାଇ ପହଞ୍ଚିବି'। ତୁମେ ତୁମର ନିଜ ଘରେ ମୋତେ ରଖିବନା? 'ମୁଁ..ଆରେ..ନା'..କଥା କ'ଣ କି..' ସେ ମରିବା ଭଳି ସ୍ୱରରେ କହିଲା। ଯେଉଁ ଘରେ ମୁଁ ରହୁଛି, ସେଠାରେ କେବଳ ଦୁଇଟା ରୁମ୍ ଅଛି। ସେହି ଘରେ ମୋତେ ମିଶେଇ ପାଞ୍ଚ ଜଣଙ୍କୁ ରହିବାକୁ ପଡୁଛି। ମୁଁ ମୋର ସ୍ୱାମୀ, ମୋର ପୁଅ ଆଉ ଶାଶୁ-ଶଶୁର ରହୁଛୁ? ଆପଣଙ୍କୁ ମୁଁ ସେଠି କେମିତି ରଖିବି? ଏମିତି କର ଆଉ କାହାକୁ କୁହ..। ସେ ଏହା କହିକରି ସେଠାରୁ ଦୌଡିକରି ଘରକୁ ଚାଲିଗଲା। ମୂର୍ତ୍ତି ଏବେ ଦୀର୍ଘ ନିଃଶ୍ୱାସ ଛାଡିଲେ। ତା'ପରେ ଧୀରେ-ଧୀରେ ତାଙ୍କ ଓଠ ମଧ୍ୟ ପଥର ହୋଇଗଲା!

ପ୍ଲଟ ନମ୍ବର-୨୧୭/ପି,
ବାୟାବାବା ମଠ ଲେନ୍,
ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨
ଫୋନ୍-୭୯୭୮୮୩୦୬୧୧

॥ ଦୁଇଟି ନାମ ଗୋଟିଏ ରୂପ ॥



ଗଙ୍ଗା କୂଳରେ ଗାଁଟିଏ। ସେ ଗାଁରେ କାଳୁ ପାତ୍ର ଜଣେ ଭଲ ଚାଷୀ ଭାବେ ଜଣାଶୁଣା।ଦିନେ ସେ ତା' ସ୍ତ୍ରୀକୁ କହିଲା-କାମ କରି କରି ସାରା ଜୀବନ ବିତିଗଲାଣି। ଏବେ ଚାଲ ଠାକୁର ନାମ ଜପ କରିବା।

ମୁଁ ତ ପ୍ରତିଦିନ ଭଗବାନ ଶିବଙ୍କ ନାମ ଜପ କରୁଛି। ତା' ସ୍ତ୍ରୀ କହିଲା।

ତୁ ଭୁଲ କରୁଛୁ। ବିଷ୍ଣୁ ଭଗବାନଙ୍କ ନାମ ଜପ କର। ସେ ପରା ସବୁ ଦେବ ଦେବୀଙ୍କ ଅପେକ୍ଷା ମହାନ। କାଳୁ ଜଣେଇଲା।

କଥାକୁ ନେଇ ଦୁହିଙ୍କ ମଧ୍ୟରେ ଯୁକ୍ତି ତର୍କ ଆରମ୍ଭ ହେଇଗଲା। କାଳୁ କହିଲା ବିଷ୍ଣୁ ବଡ଼ ତ ତା' ସ୍ତ୍ରୀ କହିଲା ଶିବ ବଡ଼।

ଗଙ୍ଗା କୂଳରେ ଜଣେ ସାଧୁ ରହୁଥାନ୍ତି। କଥାର ସମାଧାନ ପାଇଁ ଦୁହେଁ ତାଙ୍କ ନିକଟରେ ପହଞ୍ଚିଲେ। ସାଧୁ ଦୁହିଙ୍କ କଥା ଶୁଣି କହିଲେ-ମୁଁ ତୁମ ଦୁହିଙ୍କ କଥାର ସମାଧାନ ଆସନ୍ତା କାଲି କରିବି। ତୁମେ ଦୁହେଁ ସକାଳେ ଏଠିକୁ ଆସିବ।

ତା ପରଦିନ ସକାଳ ହେବା ମାତ୍ରେ ଦୁହେଁ ସାଧୁଙ୍କ ନିକଟରେ ହାଜର। ସାଧୁ କାଳୁ ଓ ତା' ସ୍ତ୍ରୀକୁ ଇଶାରା କରି କହିଲେ-ତୁମେ ଦୁହେଁ ଗଙ୍ଗାରେ ସ୍ନାନ ସାରି ଆସ, ମୁଁ ତୁମ ସମସ୍ୟା ସମାଧାନ କରିବି। ସାଧୁଙ୍କ ଆଦେଶ ମାନି ଦୁହେଁ ଗଙ୍ଗାରେ ସ୍ନାନ ସାରି ଫେରିଲେ। ସାଧୁ ଦୁହିଁଙ୍କୁ ପଚାରିଲେ-ଗଙ୍ଗା ସ୍ନାନ ପରେ କେମିତି ଲାଗୁଛି?

ଗଙ୍ଗା ସ୍ନାନ ପରେ ମନରେ ଶାନ୍ତି ଲାଗୁଛି ବୋଲି ଜଣାଇଲେ। କିନ୍ତୁ ସାଧୁ କହିଲେ-କିନ୍ତୁ ମୋତେ ସନ୍ତୁଷ୍ଟି ହେଲା ଭଳି ଅନୁମାନ ହେଉନାହିଁ। ଗୋଟେ କାମ କର ଆଗରେ ଯେଉଁ ଘାଟ ଅଛି ସେଠି ଆଉଥରେ ସ୍ନାନ କରି ଆସ ॥

ପତି-ପତ୍ନୀ ଆଉଥରେ ଗଙ୍ଗା ଘାଟକୁ ଯାଇ ସ୍ନାନ ସାରି ଫେରି ଆସିଲେ। ସାଧୁ ପୁଣି କହିଲେ-ନା ଏବେବି ତୁମ ଦୁହିଙ୍କ ଶରୀର ପୂରା ଶୁଦ୍ଧ ହୋଇ ନାହିଁ। ଆଉଥରେ ଅନ୍ୟ ଘାଟକୁ ଯାଇ ସ୍ନାନ କର।

ବିଚରା ପତି-ପତ୍ନୀ ତୃତୀୟଥର ବି ସ୍ନାନ କରି ଫେରିଲେ। ଏଥର ମଧ୍ୟ ସାଧୁ ଦୁହିଁଙ୍କର ଦୋଷ ବାହାର କରି କହିଲେ-ନା ତଥାପି ଶୁଦ୍ଧ ହେଲାନାହିଁ। ଏବେ ଗଙ୍ଗା ଆରପାଖ ଘାଟକୁ ଯାଇ ସ୍ନାନ କର।

ଦୁହେଁ ତିନି ତିନି ଥର ସ୍ନାନ କରି ବିରକ୍ତ ହୋଇ ଯାଇଥାନ୍ତି। ହେଲେ ସାଧୁଙ୍କ ଆଦେଶ ମାନିବାକୁ ପଡିବ। ନିରୁପାୟ କାଳୁ ଓ ତା' ପତ୍ନୀ ଗଙ୍ଗା ଆରପାଖ ଘାଟରେ ସ୍ନାନ କରି ଫେରି ଆସିଲେ। କାଳୁ ଆଉ ନିଜକୁ ସମ୍ଭାଳି ନପାରି କହିଲା-ହେ ମହାତ୍ମା! ଗଙ୍ଗା ନଦୀ ତ ଗୋଟିଏ, ଏ ଘାଟରେ ସ୍ନାନ କରନ୍ତୁ କି ଅନ୍ୟ ଘାଟରେ ସ୍ନାନ କରନ୍ତୁ ଯେଉଁଠି ବି ସ୍ନାନ କଲେ ସମାନ ପୁଣ୍ୟ ମିଳିବ। ତା' କଥା ଶୁଣି ସାଧୁ ହସି ହସି କହିଲେ-ଦେଖିଲ ନିଜ ସମସ୍ୟା କେମିତି ନିଜେ ସମାଧାନ କଲ।

କାଳୁ ଓ ତା' ପତ୍ନୀ ବିବ୍ରତ ହୋଇ କହିଲେ-କେମିତି? ଯେମିତି ଗଙ୍ଗା ମା'ର ମହିମା ସମସ୍ତ ଘାଟରେ ଅନୁଭବ କରିଲ ଠିକ୍ ସେମିତି ଭଗବାନଙ୍କ ଶକ୍ତି ସବୁ ସ୍ଥାନରେ ଥାଏ। ବିଷ୍ଣୁ ଏବଂ ଶିବ ଦୁଇଟି ନାମ ଗୋଟେ ରୂପ।

ବିସି-୭୪, ସଲ୍ଟ ଲେକ୍, କଲକତା-୬୪
ମୋ-୯୬୮୧୩୭୩୫୧୨

ଘରଚଟିଆର ଡାକ

ସୁଧାଂଶୁ ଶେଖର ଦ୍ୱିବେଦୀ

ଗାନ୍ଧିଜୀ ରଖିଥିବା ତିନିମାଙ୍କଡ଼ଙ୍କ ବାର୍ତ୍ତା ଥିଲା ଏମିତି ଯେ ଖରାପ କଥା କହିବ ନାହିଁ ଖରାପ କଥା ଶୁଣିବ ନାହିଁ କି ଖରାପ କଥା ଦେଖିବ ନାହିଁ। ତେବେ ଯାଇ ଭଲ ମଣିଷ ହୋଇପାରିବ। ଆଜିକାଲି ରମାନାଥବାବୁ ଦେଖନ୍ତି ଗାନ୍ଧିଜୀ ଦେଇଥିବା ସେଇ ବାର୍ତ୍ତା ଭିତରେ କେତେ ଗୁଢତତ୍ତ୍ୱ ଲୁଚିରହିଛି। ସମ୍ପର୍କକୁ ବଞ୍ଚାଇ ରଖିବାକୁ ହେଲେ ଆଖିମୁଜି ଅନ୍ଧ, କାନବୁଜି କାଲା ଓ ପାଟି ବନ୍ଦ କରି ବଧିର ହୋଇଯିବାକୁ ହୁଏ। ସମ୍ପର୍କ କହିଲେ ଖାଲି ଚିହ୍ନା ଜଣା, ସ୍ନେହ ଭାବର, ରକ୍ତଗତ ନିକଟ କି ଦୂର ସଂମ୍ପର୍କୀୟ ନୁହେଁ ଖୋଦ ନିଜ ପୁଅ ଝିଅ ବଡ଼ ହେଲାପରେ ତାଙ୍କ କାର୍ଯ୍ୟକଳାପ ଭଲ ଲାଗୁନଥିଲେ ମଧ୍ୟ କିଛି ନଦେଖିଲା, ନଶୁଣିଲା, ନଜାଣିଲା ପରି ନହେଲେ ସେମାନେ କହିବେ ବାପା ଜଣେ ଆଉଟଡେଟେଡ ମଣିଷ ଅର୍ଥାତ ଯୁଗପଯୋଗୀ ନୁହଁନ୍ତି ଆଦୌ। ସେଇଥି ପାଇଁ ତ ଏକମାତ୍ର ପୁଅ ପାଇଁ ଏତେସବୁ କରି ମଧ୍ୟ ଆଜି ସେ ତାଙ୍କ ଠାରୁ ବହୁତ ଦୂରରେ। ନିଜର ପେନସନ ଅଛି, ଗୋଡ଼ହାତ ଚଳୁଛି ଓ ଚଲାବୁଲା ଠିକ ଠାକ କରିପାରୁଛନ୍ତି ତ ସେ। କଣ ଏକୁଟିଆ ଚଳି ପାରିବେନି ଏ ସଂସାରରେ? ସ୍ତ୍ରୀ ବଞ୍ଚିଥିଲା ବେଳେ ମଧ୍ୟ ସବୁବେଳେ ଅଭିଯୋଗ କରନ୍ତି କିଛି ବୁଝୁନ, ଦେଖୁନ, ଶୁଣୁନ, ଏ ସଂସାର କେମିତି ଚାଲିବ ଯେ? ସବୁ ଠିକ ଠକି ଚାଲିବ ଅଞ୍ଜଳି। ଏଇତ ପିଲାଙ୍କ କଥା ଏତେ ଭାବୁଥିବା ଲୋକଟା ଅଞ୍ଜଳି,ଏତେ ମମତା ପଣତ ଉଡେଇ, ମାତୃତ୍ୱ ଅଜାଡି ଅଜାଡି ଚାଲିଗଲା ପରେ କଣ ସଂସାର ଚଳୁନି ନା କଣ! ଖାଲି ପାର୍ଥକ୍ୟ ଏତିକି ରାମାନାଥବାବୁଙ୍କୁ ଗୋଡେଇ ଗୋଡେଇ କହିବାକୁ କେହି ନାହିଁ କି ଫେରିବା ବାଟକୁ ଅନେଇ ବସିନି କେହି। କିନ୍ତୁ ପୁଅ ତା ବାଟରେ ଗଲା ପରେ ଅଞ୍ଜଳିଙ୍କ ପଥ ବାଛି ନେଇଛନ୍ତି ରମାନାଥ ବାବୁ। ଅଞ୍ଜଳି ସିନା ଚାରିଟା ପରେ ଛାତକୁ ଯାଇ ପକ୍ଷୀ ଠାବ କରି ଡାକ ପକାଉଥିଲେ ଦେଖିବ ଆସ ଦେଖିବ ଆସ ପୁଅ ରହୁଥିବା ଦିଲ୍ଲୀ ପରି ଆମ ଗାଁରେ କେତେ ଶୁଆ। ରମାନାଥ ସେତେବେଳେ କହନ୍ତି ତୁମର ସିନା କିଛି କାମ ନାହିଁ ଯେ ତୁମେ ପକ୍ଷୀ ନିରୀକ୍ଷଣ କରିବ ମୋର ଅନେକ କାମ କହି ଅନେଇ ଥିବେ ମିସ୍ତ୍ରୀମାନଙ୍କୁ। କେବେ ରାଜମିସ୍ତ୍ରୀ ତ କେବେ ବଢ଼େଇ ତ କେବେ ଗ୍ରିଲ କାରିଗର ତ କେବେ ଇଲେକ୍ଟ୍ରିସିଆନକୁ। ଏତେ ସବୁ କାହିଁ କରୁଛ? କିଏ ରହିବ ତୁମ ଏ ଗାଁ ଘରେ କେଜାଣି? ଯେତିକି କରିଛ ତାହାର ରକ୍ଷଣାବେକ୍ଷଣ କରୁ କରୁ ମୋ ଦିନ ଯାଉଛି କହନ୍ତି ଅଞ୍ଜଳି ତ ରମାନାଥ ଗର୍ଜନ କରନ୍ତି, କହନ୍ତି ଆହେ ତୁମରି ପୁଅ ପାଇଁ କରୁଛି। ମୋ ଭାଇ ବନ୍ଧୁ କୁଟୁମ୍ବଙ୍କ ପାଇଁ ନୁହଁ କି ତୁମ ଭାଇ ବନ୍ଧୁ କୁଟୁମ୍ବଙ୍କ ପାଇଁ ନୁହଁ। ଏକମାତ୍ର ତୁମ ଗୁଣମଣି ପାଇଁ ହେଲେ ଆଜି ଅଞ୍ଜଳି ନାହାଁନ୍ତି ଦେଖିବାକୁ ପୁଅ ରହିଲା କି ନାହିଁ। ପୁଅ ରୁଦ୍ର ମୁହେଁ ମୁହେଁ ଶୁଣାଇଦେଲା ଗାଁରେ କ'ଣ ଅଛି ଯେ ମୁଁ ଏଠି ରହିବି ଭାବି ତୁମେ ଏତେ ଟଙ୍କା ପଇସା ସାରି ଏତେବଡ ଘର କରିବା କଣ ଦରକାର ଥିଲା କହି ସେହି ଦିଲ୍ଲୀରେ ପ୍ଲାଟ ଘର କିଣି ରହିଲା। ପୁଅ ବୁଝିଲା ନାହିଁ ଗାଁରେ ଭାଇକୁ ଭାଇର କାନ୍ଧ ଅଛି। ଜାନିଜାତ ଭାଇଚାରା ଅଛି, ଟୁଙ୍ଗିଘରୁ ଭାଗବତ ପଢା ଚାଲିଛି, ରାମଚରିତମାନସ ପାରାୟଣ ଉଚ୍ଚାରଣ ମନ୍ତ୍ରରେ ତନ୍ତ୍ରରେ ତନ୍ତ୍ରରେ ଶିହରିଣ ସୃଷ୍ଟି ହେଉଛି। ନଈ କୁଳୁକୁଳୁ ଗାଇ ବହିଯାଉଛି, ଗଛରୁ ନଡ଼ିଆ, ପଇଡ଼, କଦଳୀ ଆମ୍ବ ପଣସ ପାଇ ଜୀବନ ଆଲ୍‌ହାଦିତ ହୋଇଉଠୁଛି। ସର୍ବୋପରି ସହରରେ ବିଲୁପ୍ତ ପ୍ରାୟ ଘରଚଟିଆ ପକ୍ଷୀ ଅଛି। ଯିଏ ଗାଇ ମଇଁଷି, ଛେଳି, ମେଣ୍ଢାଙ୍କ ବନ୍ଧୁ ହୋଇ ସେମାନେ ବିଶ୍ରାମ ନେଉଥିଲା ବେଳେ ତାଙ୍କ ଦେହରୁ ଟିଙ୍କ ବାଛୁଥାଏ ବନ୍ଧୁ ହୋଇ। କାଉ ସିନା ସମସ୍ତଙ୍କୁ ଉଠାଉ ଥାଏ କା କା କହି ହେଲେ ରମାନାଥଙ୍କୁ ତ ଘରଚଟିଆ ଡାକ ନଶୁଭିଲା ଯାଏଁ ନିଦ ଭାଙ୍ଗେନି କେବେ। ପୁଅ କହେ ଗାଁରେ ମୋ ଝିଅ ପଢିବ କେଉଁଠି? ହସ୍ପିଟାଲ ସୁବିଧା କାହିଁ ଗାଁରେ? ମଣିଷର ସର୍ବୋଚ୍ଚ ଆବଶ୍ୟକତା ଶିକ୍ଷା ଓ ସ୍ୱାସ୍ଥ୍ୟର ସୁବିଧା ନଥିବା ଗାଁରେ ମୁଁ ଚଳିପାରିବି ନାହିଁ।

ସ୍ୱାର୍ଥ..

ସୁନନ୍ଦା ମହାନ୍ତି



ସେଦିନ କିନ୍ତୁ ସପରିବାର ସହ ପୁଅ ହଠାତ ଗାଁରେ ପହଞ୍ଚିବା ଦେଖି ଆଶ୍ଚର୍ଯ୍ୟ ରମାନାଥ। କମ୍ପାନୀ ଚାକିରୀ ଲେ ଅଫ ହୋଇଯାଇଥିଲା। କିଣିଥିବା ଫ୍ଲାଟ ଘରଟାକୁ ପୁଅ ରୁଦ୍ର ପୂର୍ବରୁ ସାତଜଣ କିଣିସାରିଥିଲେ ତ ଆପଣା ଛାଏଁ ଫ୍ଲାଟ ହାତରୁ ଗଲା। ଶଶୁର ଘରେ କେହି ନଥିଲେ ବିଧବା ବଡ଼ଝିଅକୁ ଛାଡି ତ ସେଥିରେ ପୁଣି ସେ ଘରକୁ ଏ ଭିତରେ ତା ନାମରେ କରାଇ ସାରିଥିଲା। ତ ନିଜ ସ୍ତ୍ରୀର ଅଧିକାର ସାବ୍ୟସ୍ତ କରିବାକୁ ପୁଅ ରୁଦ୍ର, ବାପା ରମାନାଥ ବାବୁଙ୍କ ପରି ପୋଖତ ଓକିଲଙ୍କ ସହାୟତା ଲୋଡ଼ିଲା ବେଳେ ବୋହୂ ଘରଚଟିଆ ପକ୍ଷୀ ଉପରେ ଥେସିସ ଲେଖୁଥିଲା।

ସାକ୍ଷୀଗୋପାଳ
ପୁରୀ
ମୋ-୯୦୪୦୯୭୭୩୨୭

ଶାନ୍ତିର ଠିକଣା

ପ୍ରଭାତ କୁମାର ବଳ

ଫୋନରୁ - "ବୋଉ ତୁ ଆଉ ବିରକ୍ତ ନକରି ଫୋନ ରଖିଲୁ। ଆଉ କିଛି ଭଲମନ୍ଦ ନାଇଁ ସବୁବେଳେ ଫୋନ କରି ସେଇ କଥା ସବୁ ପଚାରୁଛୁ। ତୋତେ କଣ ବିରକ୍ତ ଲାଗୁନି ? ସକାଳେ କହିବି ଦେହ କେମିତି ଅଛି ? ସନ୍ଧ୍ୟାରେ ବି କହିବି ଦେହ କେମିତି ଅଛି ? ଆଉ ହଁ, ତୋତେ ଆଜିକାଲି ବହୁତ କମ୍ ଶୁଭିଲାଣି। ଗୋଟିଏ କଥାକୁ ତିନିଥର କହିଲା ପରେ ଯାଇ ବୁଝୁଛୁ। ତୁ ସବୁବେଳେ ଏମିତି ମୋତେ ବିରକ୍ତି କରାଉଛୁ। କେବେ ଟିକେ ଶାନ୍ତିରେ ରଖେଇ ଦେଉନୁ। ଯଦି ମୋର ଶାନ୍ତି ଚାହୁଁଛୁ ତାହେଲେ ଏମିତି ସବୁ ଦିନ ମୋତେ ଫୋନ କରିବୁନି। ଏ ନିତିଦିନିଆ ବିରକ୍ତିରୁ ଟିକେ ବିରତି ମିଳୁ ମୋତେ। ହଉ ହଉ ଆଉ କ'ଣ କହୁଛୁ କହ ନହେଲେ ମୁଁ ଫୋନ୍ ରଖୁଛି।" ବିରକ୍ତି ମିଶା କଣ୍ଠରେ ଏକାବେଳେ ଏତେ କଥା କହିଦେଇ ଫୋନ୍ କାଟିଦେଲା ଶୁଭେନ୍ଦୁ। କାହିଁ କେଜାଣି ସେ ବୋଉ ସହ ଫୋନରେ କଥା ହେଲା ବେଳେ ଭାରି ଚିଡ଼ି ଯାଏ। ଉତ୍ତର ଗୁଡ଼ିକ କେମିତି ଗୋଟାଏ ଅଖାଡୁଆ ଢଙ୍ଗରେ ଦିଏ। ଆଜିକାଲି ବୋଉର କଥା ଗୁଡ଼ା ତାକୁ ଭାରି ନାପସନ୍ଦ ଲାଗେ। କିଛି ବି ଉପଦେଶ ମୂଳକ କଥା ଯଦି କେବେ ବୋଉ କହେ ତେବେ ଅସହିଷ୍ଣୁ କଣ୍ଠରେ



ଆଉ ବୋଉକୁ ଟିକେ ବିରକ୍ତ ହୋଇ କଣ ସବୁ କହି ପକାଏ। ତାପରେ ଫୋନ କଟିଯାଏ, ହେଲେ ଶୁଭେନ୍ଦୁ ଅନୁତାପର ନିଆଁରେ ଜଳେ। ମନ ଭିତରେ ଲକ୍ଷେ ବିଭୀଷିକା ତାଣ୍ଡବ ରଚନ୍ତି। ନିଜକୁ ଅପରାଧୀ ବୋଲି ମନେ କରେ ସେ। ଅନ୍ୟମନସ୍କତାର ସମୁଦ୍ରରେ ସମ୍ପୂର୍ଣ୍ଣ ବୁଡ଼ିଯାଏ। ତାକୁ ଭାରି ଏକୁଟିଆ ଲ

32 YEARS
ସମୟ କଣ୍ଠିକା
ଭୁବନେଶ୍ୱର, ୨୦ ନଭେମ୍ବର, ଶୁକ୍ରବାର, ୨୦୨୬
ପୃଷ୍ଠା – ୬

ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି ମାଲେସିଆକୁ ୪-୧ରେ ହରାଇଲା ଭାରତ

ଭୋପାଳ

ଡିଫେଣ୍ଡିଂ ଚାମ୍ପିୟନ ଭାରତ ଚଳିତ ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଗୁରୁବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ୪-୧ ଗୋଲରେ ମାଲେସିଆକୁ ହରାଇ ଦେଇଛି। ଏହି ମ୍ୟାଚ୍ ଜରିଆରେ ଓଡ଼ିଶାର ପୂଜା ସାହୁ ଅନ୍ତର୍ଜାତୀୟସ୍ତରରେ ପଦାର୍ପଣ କରିଛନ୍ତି। ଆସନ୍ତା ୨୧ରେ ଭାରତ ତା'ର ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ଦକ୍ଷିଣ କୋରିଆକୁ ଭେଟିବ।

ମ୍ୟାଚ୍‌ର ୧୯ତମ ମିନିଟ୍‌ରେ ଜୁରାମିରା ଜୁଲକିଫ୍ଲିଙ୍କ ଗୋଲ ବଳରେ ମାଲେସିଆ ଅଗ୍ରଣୀ ହାସଲ କରି ସଭିଙ୍କୁ ଚମକାଇ ଦେଇଥିଲା। ଏହାର ତୁରନ୍ତ ପରେ ମୁମତାଜ ଖାନ (୨୦ତମ ମିନିଟ୍) ଏକ ଫିଲ୍ଡ ଗୋଲ କରି ସ୍କୋର ଲାଇନାକୁ ବରାବର କରିଥିଲେ।

ଦ୍ୱିତୀୟାର୍ଦ୍ଧରେ ଅଧିନାୟିକା ସାଲିମା ଟେଟେ ୩୫ତମ ମିନିଟ୍‌ରେ ଦଳକୁ ମିଳିଥିବା ପେନାଲ୍ଟି କର୍ନର(ପିସି)ରୁ ଗୋଲ ସ୍କୋର କରିଥିଲେ। ଏହାର ୪ ମିନିଟ୍ ପରେ ଭାରତକୁ ମିଳିଥିବା ଆଉ ଏକ ପିସିକୁ ଗୋଲରେ କନଭର୍ଟ କରି ପୂଜା ତାଙ୍କ ପଦାର୍ପଣ ମ୍ୟାଚ୍‌କୁ ସ୍ମରଣୀୟ କରାଇଥିଲେ। ଫଳରେ ତୃତୀୟ କ୍ୱାର୍ଟର ଶେଷ ସୁଦ୍ଧା ଭାରତ ୩-୧ ଗୋଲରେ ଆଗରେ ରହିଥିଲା। ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରର ୪୯ତମ ମିନିଟ୍‌ରେ ଭାରତକୁ ପୁଣି ଏକ ପିସି ମିଳିଥିଲା, ଯାହାକୁ ଗୋଲରେ କନଭର୍ଟ କରିଥିଲେ ଲାଲରେମସିଆମି (୪୯ତମ)। ପଦାର୍ପଣକାରୀ ପୂଜାଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।



ଓ୍ୱେଲିଂଟନ୍ ଟେଷ୍ଟ୍ : ଭାରତର ପ୍ରାରମ୍ଭିକ ଝଟ୍‌କା ସତ୍ତ୍ୱେ ନ୍ୟୁଜିଲାଣ୍ଡ ୨୪୩/୫

ଓ୍ୱେଲିଂଟନ

ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ଗୁରୁବାର ଠାରୁ ଓ୍ୱେଲିଂଟନର ବେସିନ୍ ରିଜର୍ଭ ପଡ଼ିଆରେ ଖେଳାଯାଉଛି। ଭାରତୀୟ ଦଳର ଅଧିନାୟକ ଶୁବମନ ଗିଲ୍ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ମ୍ୟାଚର ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ନ୍ୟୁଜିଲାଣ୍ଡ ନିଜର ପ୍ରଥମ ଇନିଂସରେ ୫ ୱିକେଟ୍ ହରାଇ ୨୪୩ ରନ୍ ସ୍କୋର କରିଛି। ନ୍ୟୁଜିଲାଣ୍ଡ ତରଫରୁ ହେନରୀ ନିକୋଲ୍ସ ୧୧୩ ଏବଂ ଗ୍ଲେନ୍ ଫିଲିପ୍ସ ୯୪ ରନ୍ କରି କ୍ରିଜରେ ଅପରାଜିତ ଅଛନ୍ତି। ଉଭୟଙ୍କ ମଧ୍ୟରେ ୧୭୩ ରନର ଏକ ଅପରାଜିତ ପାର୍ଟନରସିପ୍ ହୋଇଛି।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବା ପାଇଁ ନ୍ୟୁଜିଲାଣ୍ଡ ତରଫରୁ ଡେଭନ୍ କନୱେ ଏବଂ ଅଧିନାୟକ ଟମ୍ ଲାଥାମ ଓପନିଂ କରିବାକୁ କ୍ରିଜକୁ ଓହ୍ଲାଇଥିଲେ। ଅନ୍ୟପଟେ ଜସପ୍ରୀତ ବୁମ୍‌ରା ନିଜସ୍ୱ ଅନ୍ଦାଜରେ ପଡ଼ିଆକୁ ପ୍ରତ୍ୟାବର୍ତ୍ତନ କରିବାର ଘୋଷଣା କରିଥିଲେ। ସେ ମ୍ୟାଚ୍‌ର ପ୍ରଥମ ଓଭରର ତୃତୀୟ ବଲରେ ହିଁ ଟମ୍ ଲାଥାମଙ୍କୁ ବୋଲ୍ଡ କରି ଭାରତକୁ



ପ୍ରଥମ ସଫଳତା ଦେଇଥିଲେ। ଲାଥାମ ମାତ୍ର ୨ଟି ବଲ୍ ଖେଳି ଖାତା ନ ଖୋଲି ପାଭିଲିୟନ ଫେରିଯାଇଥିଲେ।

ନ୍ୟୁଜିଲାଣ୍ଡକୁ ଚତୁର୍ଥ ଓଭରରେ ୧୨ ରନ୍ ସ୍କୋରରେ ଦ୍ୱିତୀୟ ଝଟ୍‌କା ଲାଗିଥିଲା। ଅଂଶୁଲ କମ୍ବୋଜ ନ୍ୟୁଜିଲାଣ୍ଡର ଓପନର ଡେଭନ୍ କନୱେଙ୍କୁ ଆଉଟ୍ କରିଦେଇଥିଲେ। କନୱେଙ୍କ ବ୍ୟାଟରେ ବଲ୍ ଲାଗି ୱିକେଟ୍ ପଛକୁ ଯାଇଥିଲା, ଯେଉଁଠାରେ ୱିକେଟ୍ କିପର ଋଷଭ ପନ୍ତ କୌଣସି ଭୁଲ୍ ନ କରି ଚମତ୍କାର କ୍ୟାଚ୍ ଧରିଥିଲେ। ଏହା ପରେ ନ୍ୟୁଜିଲାଣ୍ଡକୁ ୫୧ ରନ୍ ସ୍କୋରରେ ତୃତୀୟ ଝଟକା ଲାଗିଥିଲା। ଆକାଶ ଦୀପଙ୍କ ବଲରେ ରଚିନ ରବୀନ୍ଦ୍ର ଆଉଟ୍ ହୋଇଯାଇଥିଲେ। ଆକାଶ ୱିକେଟକିପର ଋଷଭ ପନ୍ତଙ୍କ ହାତରେ ରଚିନଙ୍କୁ କ୍ୟାଚ୍ ଆଉଟ୍ କରାଇଥିଲେ। ରଚିନ ୫୦ଟି ବଲରେ ମାତ୍ର ୧୫ ରନ୍ କରି ପାରିଥିଲେ। ହେନରୀ ନିକୋଲ୍ସଙ୍କ ସହିତ ସେ ତୃତୀୟ ୱିକେଟ୍ ପାଇଁ ୩୯ ରନର ଭାଗୀଦାରି ନିଭାଇଥିଲେ।

ଜସପ୍ରୀତ ବୁମ୍‌ରା ମଧ୍ୟାହ୍ନ ଭୋଜନ ବିରତିର ଠିକ୍ ପୂର୍ବରୁ ନ୍ୟୁଜିଲାଣ୍ଡକୁ ଚତୁର୍ଥ ଝଟ୍‌କା ଦେଇଥିଲେ। ୨୧ତମ ଓଭରରେ ବୁମ୍‌ରା ଡାରିଲ୍ ମିଚେଲଙ୍କୁ ନିଜ ଜାଲରେ ଫସାଇଥିଲେ। ମିଚେଲ ଲଗାତାର କ୍ରିଜରୁ ବାହାରକୁ ବାହାରି ବୁମ୍‌ରାଙ୍କ ବଲର ସାମ୍ନା କରିବାକୁ ଚେଷ୍ଟା କରୁଥିଲେ, କିନ୍ତୁ ବୁମ୍‌ରାଙ୍କ ଭିତରକୁ ଆସୁଥିବା ବଲ୍ ମିଚେଲଙ୍କ ବ୍ୟାଟରେ ବାଜି ତାଙ୍କ ପ୍ୟାଡ୍‌ରେ ମାଡ଼ ହୋଇଥିଲା ଏବଂ ଉପରକୁ ଉଠିଯାଇଥିଲା। ସର୍ଟ ଲେଗରେ ଠିଆ ହୋଇଥିବା ଯଶସ୍ୱୀ ଜୟସ୍ୱାଲ ଚମତ୍କାର କ୍ୟାଚ୍ ଧରିଥିଲେ। ମିଚେଲ ମାତ୍ର ଏକ ରନ୍ ହିଁ କରିପାରିଥିଲେ।

ନ୍ୟୁଜିଲାଣ୍ଡର ପଞ୍ଚମ ୱିକେଟ୍ ମଧ୍ୟାହ୍ନ ଭୋଜନ ପରେ ପଡ଼ିଥିଲା ଯେତେବେଳେ ବୁମ୍‌ରା ଟମ୍ ବ୍ଲୁଣ୍ଡେଲଙ୍କୁ ଅଧିନାୟକ ଶୁବମନ ଗିଲଙ୍କ ହାତରେ କ୍ୟାଚ୍ ଆଉଟ୍ କରାଇଥିଲେ। ଏଠାରୁ ହେନରୀ ନିକୋଲ୍ସ ଏବଂ ଗ୍ଲେନ୍ ଫିଲିପ୍ସ ଶତକୀୟ ପାର୍ଟନରସିପ୍ କରି କିୱି ଦଳକୁ ସମ୍ଭାଳିବାର କାମ କରିଛନ୍ତି। ନିକୋଲ୍ସ ୧୨ଟି ଚୌକା ସହାୟତାରେ ୧୮୮ଟି ବଲରେ ନିଜର ଶତକ ପୂରଣ କରିଥିଲେ। ନିକୋଲ୍ସ ଏହି ପଡ଼ିଆରେ ପଞ୍ଚମ ଥର ପାଇଁ ଟେଷ୍ଟ କ୍ରିକେଟରେ ଶତକ ହାସଲ କରିଛନ୍ତି। ଶେଷ ସେସନରେ କିୱି ଦଳ କୌଣସି ୱିକେଟ୍ ହରାଇ ନଥିଲା। ଏହି ପରି ଭାବେ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ନ୍ୟୁଜିଲାଣ୍ଡ ନିଜର ପ୍ରଥମ ଇନିଂସରେ ୫ ୱିକେଟ୍ ହରାଇ ୨୪୩ ରନ୍ ସ୍କୋର କରି ନେଇଛି।

ହକି ଇଣ୍ଡିଆ ନିର୍ବାଚନ ସ୍ଥଗିତ : ଅନ୍ତରୀଣ ରହିତାଦେଶ ହଟାଇବାକୁ ହୋଇଥିବା ଆବେଦନ ଖାରଜ କଲେ ହାଇକୋର୍ଟ

କଟକ



ହକି ଇଣ୍ଡିଆ ନିର୍ବାଚନ ପ୍ରକ୍ରିୟାକୁ ସ୍ଥଗିତ ରଖିଛନ୍ତି ଓଡ଼ିଶା ହାଇକୋର୍ଟ। ନିର୍ବାଚନ ଉପରେ ପୂର୍ବରୁ ଲାଗିଥିବା ଅନ୍ତରୀଣ ରହିତାଦେଶକୁ ପ୍ରତ୍ୟାହାର କରିବା ପାଇଁ ହକି ଇଣ୍ଡିଆ ପକ୍ଷରୁ ଦାଖଲ ହୋଇଥିବା ଆବେଦନକୁ କୋର୍ଟ ସମ୍ପୂର୍ଣ୍ଣ ଭାବେ ଖାରଜ କରିଦେଇଛନ୍ତି। ହାଇକୋର୍ଟଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଫଳରେ ହକି ଇଣ୍ଡିଆ ନିର୍ବାଚନ ଉପରେ ଲାଗିଥିବା ରୋକ୍ ବଳବତ୍ତର ରହିଛି। ସୂଚନା ଅନୁଯାୟୀ, ଓଡ଼ିଶା ସରକାର ହକିର ବିକାଶ ତଥା ହକି ଇଣ୍ଡିଆକୁ ବାର୍ଷିକ ୩୫ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ଏହା ସହିତ 'ହକି ଆସୋସିଏସନ୍ ଅଫ୍ ଓଡ଼ିଶା' ହେଉଛି ହକି ଇଣ୍ଡିଆର ଜଣେ ସ୍ଥାୟୀ ସଦସ୍ୟ। ତେବେ ନିର୍ବାଚନ ପୂର୍ବରୁ ହକି ଆସୋସିଏସନ୍ ଅଫ୍ ଓଡ଼ିଶାକୁ ସ୍ଥାୟୀ ସଦସ୍ୟ ବଦଳରେ ସହଯୋଗୀ ସଦସ୍ୟ ଭାବେ ଦର୍ଶାଇ ନୋଟିସ୍ ଜାରି କରାଯାଇଥିଲା। ଏଭଳି ପଦକ୍ଷେପ ଫଳରେ ହକି ଆସୋସିଏଶନ୍ ଅଫ୍ ଓଡ଼ିଶା ନିର୍ବାଚନରେ ନିଜର ଭୋଟିଂ କ୍ଷମତା ହରାଇଥିଲା। ଏହି ଅନ୍ୟାୟ ବିରୋଧରେ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ କୋର୍ଟ ନିର୍ବାଚନ ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ। ପରବର୍ତ୍ତୀ ସମୟରେ ହକି ଇଣ୍ଡିଆ ଏହି ନିର୍ଦ୍ଦେଶକୁ ଚାଲେଞ୍ଜ କରି ରହିତାଦେଶ ପ୍ରତ୍ୟାହାର ପାଇଁ ଆବେଦନ କରିଥିଲା, ଯାହାକୁ ଶୁଣାଣି କରି ହାଇକୋର୍ଟ ଅଗ୍ରାହ୍ୟ କରିବା ସହ ଖାରଜ କରିଦେଇଛନ୍ତି।

ଆଇସିସିର ନୂଆ ନିୟମ : ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରୁ ହଟିଲା ସୁପର ସିକ୍ସ

ନୂଆଦିଲ୍ଲୀ

ଆଇସିସି କ୍ରିକେଟ୍ ବିଶ୍ୱକପ୍ ଖେଳିବା ପ୍ରତ୍ୟେକ ଦଳର ସ୍ୱପ୍ନ ହୋଇଥାଏ। କିନ୍ତୁ ଏହି ମହାକୁମ୍ଭରେ ପହଞ୍ଚିବା ପାଇଁ ରହିଥିବା ଯୋଗ୍ୟତା ନିୟମ ଅନେକ ସମୟରେ ଏତେ ଜଟିଳ ହୋଇଯାଏ ଯେ ତାହା ସାଧାରଣ କ୍ରିକେଟ୍ ପ୍ରେମୀଙ୍କ ପାଇଁ ବୁଝିବା କଷ୍ଟକର ହୋଇପଡ଼େ। ନିକଟରେ ଇଣ୍ଡୋନେସିଆର ବାଲିଠାରେ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଆଇସିସି ଆଗାମୀ ୨୦୨୭ ଦିନିକିଆ ବିଶ୍ୱକପ୍ ଏବଂ ୨୦୨୮ ଟି୨୦ ବିଶ୍ୱକପ୍‌ର ଯୋଗ୍ୟତା ପର୍ଯ୍ୟାୟକୁ ନେଇ ଅନେକ ବଡ଼ ଓ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛି। ବିଶେଷ କରି ୨୦୦୭ ଦିନିକିଆ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରୁ ଚର୍ଚ୍ଚିତ 'ସୁପର ସିକ୍ସ' ରାଉଣ୍ଡକୁ ସମ୍ପୂର୍ଣ୍ଣ ଭାବେ ବାଦ୍ ଦିଆଯାଇଛି।

ଗତ ତିନିଟି ବିଶ୍ୱକପ୍ ଯୋଗ୍ୟତା ସଂସ୍କରଣରେ 'ସୁପର ସିକ୍ସ' ପର୍ଯ୍ୟାୟ ଖେଳାଯାଉଥିଲା। ଏହି ପୁରୁଣା ବ୍ୟବସ୍ଥାରେ ପ୍ରଥମେ ଗ୍ରୁପ୍ ପର୍ଯ୍ୟାୟ ଏବଂ ପରେ ଶ୍ରେଷ୍ଠ ୬ଟି ଦଳଙ୍କୁ ନେଇ ସୁପର ସିକ୍ସ ରାଉଣ୍ଡ ହେଉଥିଲା, ଯେଉଁଥିରେ ମୋଟ ୩୪ଟି ମ୍ୟାଚ୍ ଖେଳାଯାଉଥିଲା। ଟୁର୍ଣ୍ଣାମେଣ୍ଟ ଅତ୍ୟଧିକ ଲମ୍ବା ହେଉଥିବାରୁ ଏବଂ କମ୍ ସମୟ ମଧ୍ୟରେ ଅଧିକ ରୋମାଞ୍ଚକର ମୁକାବିଲା କରିବା ଲକ୍ଷ୍ୟରେ ଆଇସିସି ସୁପର ସିକ୍ସକୁ ଉଚ୍ଛେଦ କରିଛି। ଫଳରେ ବର୍ତ୍ତମାନ ଯୋଗ୍ୟତା ଟୁର୍ଣ୍ଣାମେଣ୍ଟରେ ମ୍ୟାଚ୍ ସଂଖ୍ୟା ୩୪ ରୁ ହ୍ରାସ ପାଇ ମାତ୍ର ୨୩ରେ ସୀମିତ ରହିବ।

୨୦୨୭ ଫେବୃୟାରୀ-ମାର୍ଚ୍ଚ ମାସରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୦ଟି ଦଳ ଭାଗ ନେବେ। ଏମାନଙ୍କୁ ମଧ୍ୟରୁ ୫ଟି ଲେଖାଏଁ ଦଳକୁ ନେଇ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ପ୍ରତ୍ୟେକ ଗ୍ରୁପ୍‌ର ଶୀର୍ଷ ଦୁଇଟି ଦଳ ସିଧାସଳଖ ସେମିଫାଇନାଲ୍‌କୁ ଯିବେ ଏବଂ ଏହା ପରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ।

ପୂର୍ବରୁ ଯୋଗ୍ୟତା ପର୍ଯ୍ୟାୟ ପଏଣ୍ଟ ଟେବୁଲରେ କେବଳ ଶୀର୍ଷ ଦୁଇଟି ଦଳ ବିଶ୍ୱକପ୍‌କୁ ଯାଉଥିବା ବେଳେ ବର୍ତ୍ତମାନ ଶୀର୍ଷ ଚାରିଟି ଦଳକୁ ସୁଯୋଗ ମିଳିବ। ତେବେ ଏଠାରେ ଏକ ବଡ଼ ଟ୍ୱିଷ୍ଟ ରହିଛି। ଯୋଗ୍ୟତା ପର୍ଯ୍ୟାୟର ଚାମ୍ପିଅନ୍ ଦଳ ସିଧାସଳଖ ୧୪ ଦଳ ବିଶିଷ୍ଟ ମୁଖ୍ୟ ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟକୁ ପ୍ରବେଶ କରିବ।



କିନ୍ତୁ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନରେ ରହୁଥିବା ଦଳଗୁଡ଼ିକୁ ମୁଖ୍ୟ ବିଶ୍ୱକପ୍‌ର ପ୍ରଥମ ରାଉଣ୍ଡ ବା 'ସୁପର ସିରିଜ୍' ଖେଳିବାକୁ ପଡ଼ିବ। ଏହି ସୁପର ସିରିଜ୍‌ରେ ଯେଉଁ ଦଳ ଶୀର୍ଷରେ ରହିବ, ସେ ମୁଖ୍ୟ ଗ୍ରୁପ୍ ପର୍ଯ୍ୟାୟକୁ ଉନ୍ନୀତ ହେବ।

୨୦୨୭ ଦିନିକିଆ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟର ୧୦ଟି ସ୍ଥାନ ମଧ୍ୟରୁ ୬ଟି ଦଳଙ୍କ ନାମ ବୃତ୍ତାନ୍ତ ହୋଇସାରିଛି। ଆଇସିସି ର୍ୟାଙ୍କିଂ ଆଧାରରେ ଓ୍ୱେଷ୍ଟଇଣ୍ଡିଜ୍ ଏବଂ ଆୟର୍ଲାଣ୍ଡ ଏହି ପର୍ଯ୍ୟାୟରେ ନିଜ ସ୍ଥାନ ପକ୍କା କରିଛନ୍ତି। ସେହିପରି ଆଇସିସି କ୍ରିକେଟ୍ ୱାର୍ଲ୍ଡ କପ୍ ଲିଗ୍-୨ ରୁ ଶ୍ରେଷ୍ଠ ପ୍ରଦର୍ଶନ କରି ଆମେରିକା, ନେଦରଲାଣ୍ଡ୍ସ, ସ୍କଟଲାଣ୍ଡ ଏବଂ ଓମାନ ଯୋଗ୍ୟତା ହାସଲ କରିଛନ୍ତି।

ଅବଶିଷ୍ଟ ୪ଟି ସ୍ଥାନ ପାଇଁ ପରବର୍ତ୍ତୀ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ଏଥିରେ ଲିଗ୍-୨ର ତଳେ ଥିବା ୪ଟି ଦଳ ଏବଂ ଚ୍ୟାଲେଞ୍ଜ ଲିଗ୍‌ର ଶ୍ରେଷ୍ଠ ୪ଟି ଦଳ ଅଂଶଗ୍ରହଣ କରିବେ। ଏହି ୮ଟି ଦଳ ମଧ୍ୟରୁ ଶୀର୍ଷ ୪ଟି ଦଳ ୨୦୨୭ କ୍ୱାଲିଫାୟାର୍ ଖେଳିବାର ଟିକେଟ୍ ପାଇବେ। ଏହାଦ୍ୱାରା ଆସୋସିଏଟ୍ ବା ନୂଆ କରି କ୍ରିକେଟ୍ ଖେଳୁଥିବା ଦେଶଗୁଡ଼ିକ ପାଇଁ ବିଶ୍ୱକପ୍‌ର ଦ୍ୱାର ଖୋଲା ରହିବ।

ଆଇସିସି କେବଳ ଦିନିକିଆ ନୁହେଁ ବରଂ ୨୦୨୮ ରେ ଅନୁଷ୍ଠିତ ହେବାକୁ ଥିବା ପୁରୁଷ ଓ ମହିଳା ଟି୨୦ ବିଶ୍ୱକପ୍ ପାଇଁ ଏକ ସ୍ପଷ୍ଟ ରୋଡମ୍ୟାପ୍ ପ୍ରସ୍ତୁତ କରିଛି। ଏହି ଗ୍ଲୋବାଲ୍ କ୍ୱାଲିଫାୟାରରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିବେ ଏବଂ ୩୧ଟି ମ୍ୟାଚ୍ ଖେଳାଯିବ। ଏଥିରେ ୪ଟି ଲେଖାଏଁ ଦଳକୁ ନେଇ ୪ଟି ଗ୍ରୁପ୍ ଗଠନ କରାଯିବ। ଗ୍ରୁପ୍ ପର୍ଯ୍ୟାୟ ପରେ କ୍ୱାର୍ଟର ଫାଇନାଲ୍, ସେମିଫାଇନାଲ୍ ଏବଂ ଫାଇନାଲ୍ ମ୍ୟାଚ୍ ହେବ। ଏହି ଟୁର୍ଣ୍ଣାମେଣ୍ଟରୁ ମୋଟ ୮ଟି ଦଳ ମୁଖ୍ୟ ଟି୨୦ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବେ। ସେମିଫାଇନାଲ୍‌ରେ ପହଞ୍ଚିଥିବା ଚାରିଟି ଦଳ ସିଧାସଳଖ ବିଶ୍ୱକପ୍ ଟିକେଟ୍ ପାଇବେ। ବାକି ୪ଟି ସ୍ଥାନ ଆଞ୍ଚଳିକ ପ୍ରତିନିଧିତ୍ୱ ମ୍ୟାଚ୍‌କୁ 'କର ବା ମର' ସ୍ଥିତିକୁ ନେଇଯିବ।

ମହିଳା ବିଭାଗର ଗ୍ଲୋବାଲ୍ କ୍ୱାଲିଫାୟାରରେ ମୋଟ ୧୦ଟି ଦଳ ଖେଳିବେ। ଏଥିରେ ନେଦରଲାଣ୍ଡ୍ସ ଓ ସ୍କଟଲାଣ୍ଡ ସିଧାସଳଖ ପ୍ରବେଶ ପାଇଥିବା ବେଳେ ଆଞ୍ଚଳିକ ଯୋଗ୍ୟତା ପର୍ଯ୍ୟାୟରୁ ୮ଟି ଦଳ ଆସିବେ। ଏହି ୧୦ଟି ଦଳ ମଧ୍ୟରୁ ଶୀର୍ଷ ଦୁଇଟି ଦଳ ୨୦୨୮ ମହିଳା ଟି୨୦ ବିଶ୍ୱକପ୍‌ର ମୁଖ୍ୟ ପର୍ଯ୍ୟାୟକୁ ଉନ୍ନୀତ ହେବେ।

ଆଇସିସିର ଏହି ନୂଆ ନିଷ୍ପତ୍ତି ପଛରେ ତିନିଟି ମୁଖ୍ୟ କାରଣ ରହିଛି। ପ୍ରଥମତଃ ଟୁର୍ଣ୍ଣାମେଣ୍ଟର ସମୟ ଓ ମ୍ୟାଚ୍ ସଂଖ୍ୟା କମାଇବା, ଦ୍ୱିତୀୟତଃ ଗ୍ରୁପ୍ ପର୍ଯ୍ୟାୟ ପରେ ସିଧାସଳଖ ନକ୍-ଆଉଟ୍ ମ୍ୟାଚ୍ ରଖି ପ୍ରତିଯୋଗିତାକୁ ଅଧିକ ରୋମାଞ୍ଚକର କରିବା ଏବଂ ତୃତୀୟତଃ ବିଶ୍ୱବ୍ୟାପୀ ବିଭିନ୍ନ ମହାଦେଶର ଦଳଗୁଡ଼ିକୁ ସନ୍ତୁଳିତ ସୁଯୋଗ ପ୍ରଦାନ କରିବା। ବିଶେଷ କରି ସୁପର ସିକ୍ସ ହଟିବା ପରେ ବର୍ତ୍ତମାନ କୌଣସି ଦଳ ପାଖରେ ଭୁଲ୍ ସୁଧାରିବାର ବେଶୀ ସୁଯୋଗ ରହିବ ନାହିଁ, ଯାହା ପ୍ରତ୍ୟେକ ମ୍ୟାଚ୍‌କୁ ଅଧିକ ଗୁରୁତ୍ୱପୂର୍ଣ୍ଣ କରିବ।

ବିଜୟ ମର୍ଚ୍ଚାଣ୍ଟ ଟ୍ରଫି : ପ୍ରଥମ ଦିନରେ ହରିୟାଣାର ଦୃଢ଼ ସ୍ଥିତି, ୩୨୦/୩ରେ ଖେଳ ଶେଷ

କଟକ, ନ୍ୟୁଜ୍‌ବ୍ୟୁରୋ

ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ଏଲିଟ୍-ସି (ଅଣ୍ଡର-୧୬) ମଲ୍ଟି ଡେ' କ୍ରିକେଟ୍ ପ୍ରତିଯୋଗିତାରେ ଓଡ଼ିଶା ଓ ହରିୟାଣା ମଧ୍ୟରେ ଖେଳାଯାଉଥିବା ମ୍ୟାଚ୍‌ର ପ୍ରଥମ ଦିନରେ ହରିୟାଣା ଦୃଢ଼ ସ୍ଥିତିରେ ରହିଛି। କର୍ଣ୍ଣାଟକ ଷ୍ଟେଟ୍ କ୍ରିକେଟ୍ ଆସୋସିଏସନ୍‌ର ନାଭୁଲେ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଓଡ଼ିଶା ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ହରିୟାଣା ଦଳ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ୯୦ ଓଭରରେ ୩ ୱିକେଟ୍ ହରାଇ ୩୨୦ ରନ୍ ସଂଗ୍ରହ କରିଛି। ହରିୟାଣା ପକ୍ଷରୁ ଯଶବର୍ଦ୍ଧନ ରାଠୀ ଚମତ୍କାର ବ୍ୟାଟିଂ ପ୍ରଦର୍ଶନ କରି ଅପରାଜିତ ୧୪୪ ରନ୍ କରିଛନ୍ତି। ସେ ୨୮୬ଟି ବଲ୍‌ର ସମ୍ମୁଖୀନ ହୋଇ ୧୨ଟି ଚୌକା ଓ ୨ଟି ଛକା ମାରିଛନ୍ତି। ସେହିପରି ବିରାଟ ତ୍ୟାଗୀ ୮୦ଟି ବଲ୍‌ରୁ ୧୦ଟି ଚୌକା ଓ ଗୋଟିଏ ଛକା ସହ ୬୨ ରନ୍‌ର ଉପଯୋଗୀ ଇନିଂସ ଖେଳିଛନ୍ତି। ଓଡ଼ିଶା ପକ୍ଷରୁ ସିଦ୍ଧେଶ୍ୱର ବାଗ ୧୩ୀ ଓଭର ବୋଲିଂ କରି ୩୮ ରନ୍ ବ୍ୟୟରେ ଗୋଟିଏ ୱିକେଟ୍ ହାସଲ କରିଥିବା ବେଳେ ସୁଭମ ପରିଡ଼ା ୩୩ ଓଭରରେ ୧୦୫ ରନ୍ ବ୍ୟୟ କରି ଗୋଟିଏ ୱିକେଟ୍ ନେଇଛନ୍ତି। ପ୍ରଥମ ଦିନର ଖେଳ ଶେଷରେ ହରିୟାଣା ୩୨୦/୩ ସ୍କୋର ସହ ମ୍ୟାଚ୍‌ରେ ନିଜର ସ୍ଥିତି ମଜବୁତ କରିଛି।

ସମ୍ଭାବ୍ୟ ବାତ୍ୟା 'ଅକଭାନ' ମୁକାବିଲା ପାଇଁ ମୟୂରଭଞ୍ଜ ପ୍ରଶାସନର ପ୍ରସ୍ତୁତି ସମୀକ୍ଷା କଲେ ନୋଡାଲ ଅଧିକାରୀ

ବାରିପଦା, ନ୍ୟୁଜ୍‌ବ୍ୟୁରୋ

ସମ୍ଭାବ୍ୟ ବାତ୍ୟା 'ଅକଭାନ'ର ମୁକାବିଲା ନିମନ୍ତେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ପ୍ରସ୍ତୁତି ଓ ବିଭିନ୍ନ ପଦକ୍ଷେପର ସମୀକ୍ଷା କରିଛନ୍ତି ଜିଲ୍ଲା ପାଇଁ ନିଯୁକ୍ତ ରାଜ୍ୟ ସରକାରଙ୍କ ନୋଡାଲ ଅଧିକାରୀ ତଥା ପାନୀୟ ଜଳ ଓ ପରିମଳ ବିଭାଗର ନିର୍ଦ୍ଦେଶକ ଭିନୀତ ଭରଦ୍ୱାଜ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ହଲ୍‌ରେ ଭର୍ଚ୍ୟୁଆଲ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ସେ ବିଭିନ୍ନ ବିଭାଗର ପ୍ରସ୍ତୁତି, ଆବଶ୍ୟକ ମାନବସମ୍ବଳ ଓ ଜରୁରୀ ସାମଗ୍ରୀର ଉପଲବ୍ଧତା ସମ୍ପର୍କରେ ସମୀକ୍ଷା କରିବା ସହ ବାତ୍ୟା ପୂର୍ବ ଓ ପରବର୍ତ୍ତୀ ପରିସ୍ଥିତିର ମୁକାବିଲା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ 'ଶୂନ୍ୟ ଜୀବ

32 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୨୦ ନଭେମ୍ବର, ୨୦୨୬ ଶୁକ୍ରବାର



ରାଜ୍ୟପାଳଙ୍କୁ ଭେଟିଲେ ଶିକ୍ଷ ମନ୍ତ୍ରୀ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ରାଜ୍ୟ ଶିକ୍ଷ ତଥା ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଗୁରୁବାର ଲୋକଭବନ ଠାରେ ଓଡ଼ିଶାର ମହାମହିମ ରାଜ୍ୟପାଳ ବ୍ରଜମୋହନ ରାମଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ଉଭୟଙ୍କ ମଧ୍ୟରେ ଶିକ୍ଷ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରରେ ରାଜ୍ୟର ଅଗ୍ରଗତି, ଭବିଷ୍ୟତର ସମ୍ଭାବନା ଏବଂ ଯୁବପିଢ଼ିଙ୍କୁ ଅଧିକ ଦକ୍ଷ ଓ ଆତ୍ମନିର୍ଭର କରିବା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହୋଇଥିଲା। ରାଜ୍ୟପାଳଙ୍କର ଅଭିଜ୍ଞତା, ଦୂରଦୃଷ୍ଟି ଏବଂ ମାର୍ଗଦର୍ଶନ ଓଡ଼ିଶାର ବିକାଶ ଯାତ୍ରାକୁ ଆହୁରି ଗତିଶୀଳ କରିବ ବୋଲି ମନ୍ତ୍ରୀଆଶା ପ୍ରକଟ କରିଛନ୍ତି।

କଂଗ୍ରେସ ପକ୍ଷରୁ ଇନ୍ଦିରା ଗାନ୍ଧିଙ୍କ ଜୟନ୍ତୀ ଉତ୍ସବ ପାଳିତ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଶ୍ରୀମତୀ ଇନ୍ଦିରା ଗାନ୍ଧିଙ୍କ ୧୦୯ତମ ଜୟନ୍ତୀ ଉତ୍ସବ କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲାର୍ପଣ କରିଥିଲେ।

ବାତ୍ୟା ଅକଓ୍ୱାନ ପାଇଁ ବଦଳିଲା ୨୩ ଟ୍ରେନ୍ ସମୟ

ବିଳମ୍ବରେ ଚାଲିବ ଏକ୍ସପ୍ରେସ୍ ଓ ମେମୁ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ବାତ୍ୟା ଅକଓ୍ୱାନକୁ ଦୃଷ୍ଟିରେ ରଖି ଟ୍ରେନ୍ ଚଳାଚଳରେ ସମୟ ପରିବର୍ତ୍ତନ କରିଛି ପୂର୍ବତଟ ରେଳପଥ । ଏଥିରେ ଦୁଇଟି ତାଲିକାରେ ମୋଟ ୨୩ଟି ଟ୍ରେନ୍‌ର ସମୟ ପୁନଃନିର୍ଦ୍ଧାରଣ ଓ ନିୟନ୍ତ୍ରଣ ସମ୍ପର୍କରେ ସୂଚନା ଦେଇଛି ପୂର୍ବତଟ ରେଳପଥ। ବାତ୍ୟାକୁ ଦୃଷ୍ଟିରେ ରଖି ବିଶାଖାପାଟଣା ଓ କିରଣ୍ଡୁଲ୍ ମଧ୍ୟରେ ଚଳାଚଳ କରୁଥିବା ଟ୍ରେନଗୁଡିକୁ ନଭେମ୍ବର ୧୯ ଓ ୨୦ ତାରିଖ ପାଇଁ ବାତିଲ୍ କରାଯାଇଛି । ଟ୍ରେନ୍ ନମ୍ବର ୧୮୫୧୫ ବିଶାଖାପାଟଣା–କିରଣ୍ଡୁଲ୍ ଏକ୍ସପ୍ରେସ, ଟ୍ରେନ୍ ନମ୍ବର ୧୮୫୧୬ କିରଣ୍ଡୁଲ୍–ବିଶାଖାପାଟଣା ଏକ୍ସପ୍ରେସ୍ ଉଭୟ ନଭେମ୍ବର ୧୯ ଓ ୨୦ରେ ବାତିଲ୍ ରହିବ । ଏହି ପରିବର୍ତ୍ତନ ନଭେମ୍ବର ୧୯ ଓ ୨୦ରେ ଯାତ୍ରା କରିବାକୁ ଥିବା ନିର୍ଦ୍ଧାରିତ ଟ୍ରେନ୍ ଚଳାଚଳକୁ ପ୍ରଭାବିତ କରିବ । ଯାତ୍ରୀମାନେ ଯାତ୍ରା କରିବା ପୂର୍ବରୁ ନିଜ ଟ୍ରେନ୍‌ର ସ୍ଥିତି ଯାଞ୍ଚ କରିବାକୁ ପରାମର୍ଶ ଦେଇଛି ପୂର୍ବତଟ ରେଳପଥ ।

ପଶ୍ଚିମ ଓଡ଼ିଶାରେ ମଧ୍ୟ ବାତ୍ୟା 'ଅକଓ୍ୱାନ୍' ପାଇଁ ହରିଶଙ୍କରରେ ୧୬୩ ଧାରା ଜାରି : ୨ ଦିନ ପର୍ଯ୍ୟଟକଙ୍କୁ ପ୍ରବେଶ ମନା



ପାଟଣାଗଡ, ନ୍ୟୁଜ ବ୍ୟୁରୋ

ସାମୁଦ୍ରିକ ବାତ୍ୟା 'ଅକ୍ୱାନ୍' ପ୍ରଭାବରେ ଆସନ୍ତା ୨୦ ଓ ୨୧ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା, ଝଡ଼, ଅଚାନକ ବନ୍ୟା ଓ ଭୂସ୍ଖଳନ ଆଶଙ୍କା ଥିବାରୁ ପାଟଣାଗଡ଼ ଉପ-ଜିଲ୍ଲାପାଳ ତଥା ଉପ-ମଣ୍ଡଳ ମାଜିଷ୍ଟ୍ରେଟ୍ ସୁନିଲ୍ କୁମାର ମେହେର ହରିଶଙ୍କର ଅଞ୍ଚଳରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍) ୨୦୨୩ ର ଧାରା ୧୬୩ ଅନୁଯାୟୀ ନିଷେଧାଦେଶ ଜାରି କରିଛନ୍ତି। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଓ ବଲାଙ୍ଗିର ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ରଙ୍କ ରିପୋର୍ଟ ଆଧାରରେ ଏହି ଆଦେଶ ଜାରି ହୋଇଛି । ହରିଶଙ୍କର ମନ୍ଦିର ପରିସର, ଝରଣା ଓ ଗନ୍ଧମାର୍ଦ୍ଦନ ପାହାଡ଼ ଟ୍ରେକିଂ ରାସ୍ତାରେ ପ୍ରତିଦିନ ବହୁ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଆସୁଥିବାରୁ ବାତ୍ୟା ସମୟରେ ସେଠାରେ ଅଚାନକ ଜଳସ୍ତର ବୃଦ୍ଧି, ଖସିପଡୁଥିବା ଗଛ ଓ ପଥର ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ ବୋଲି ଆଦେଶରେ ଉଲ୍ଲେଖ କରାଯାଇଛି । ହରିଶଙ୍କର ମନ୍ଦିର ପରିସର, ଝରଣା ଓ ପାହାଡ଼ ରାସ୍ତାରେ ପର୍ଯ୍ୟଟକ, ଶ୍ରଦ୍ଧାଳୁ, ବଣଭୋଜି କରିବାକୁ ଆସୁଥିବା ଲୋକଙ୍କ ପ୍ରବେଶ ସମ୍ପୂର୍ଣ୍ଣ ମନା। ଝରଣାରେ ଗାଧୋଇବା, ପାଣିରେ ପଶିବା ସମ୍ପୂର୍ଣ୍ଣ ନିଷେଧ ।ହରିଶଙ୍କର ପଟୁ ଗନ୍ଧମାର୍ଦ୍ଦନ ପାହାଡ଼ ଚଢ଼ିବା ଓ ଟ୍ରେକିଂ କରିବା ମନା। ଏହି ନିଷେଧାଜ୍ଞା ଖପ୍ରାଖୋଲ ଥାନା ଅଧୀନ ସମଗ୍ର ହରିଶଙ୍କର ଓ ଏହାର ଆଖପାଖ ଅଞ୍ଚଳରେ ଲାଗୁ ହେବ। ଏହା ୨୦ ଓ ୨୧ ନଭେମ୍ବର ୨ ଦିନ ପାଇଁ ବଳବତ୍ତର ରହିବ। ପାଗ ସ୍ଥିତି ଦେଖି ଆବଶ୍ୟକ ହେଲେ ଏହାକୁ ବଢ଼ାଯାଇପାରେ। ମାଜିଷ୍ଟ୍ରେଟ୍, ପୋଲିସ୍, ବନ କର୍ମଚାରୀ, ଅଗ୍ନିଶମ, ଓଡ୍ରାଫ୍/ ଏନଡିଆରଏଫ୍, ମେଡ଼ିକାଲ୍, ମନ୍ଦିର ଟ୍ରଷ୍ଟର ଅତ୍ୟାବଶ୍ୟକ କର୍ମଚାରୀ ଓ ନିତିକାନ୍ତି ସହ ଜଡ଼ିତ ଲୋକଙ୍କୁ ଏହି ଆଦେଶରୁ ବାଦ୍ ଦିଆଯାଇଛି । ଆଦେଶ ଉଲ୍ଲଂଘନ କଲେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ୨୦୨୩ ର ଧାରା ୨୨୩ ଓ ବିପର୍ଯ୍ୟୟ ପରିଚାଳନା ଆଇନ ୨୦୦୫ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଛି । ଖପ୍ରାଖୋଲ ପୋଲିସ୍ ଓ ବନ ବିଭାଗକୁ ପ୍ରବେଶ ପଥ ବନ୍ଦ କରିବା ଓ ପ୍ରଚାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଘରୋଇ କମ୍ପାନୀ...

ଦେଶରେ ଅଧିକ ନିଯୁକ୍ତି ସୃଷ୍ଟି କରିବା ସହ କର୍ମଚାରୀଙ୍କ ଦରମା ମଧ୍ୟ ବୃଦ୍ଧି କରନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଗୁରୁବାର 'ଫିକି'ର ବାର୍ଷିକ ସାଧାରଣ ସଭା ଓ ସମ୍ମିଳନୀକୁ ସମ୍ବୋଧିତ କରି ଏହା କହିଛନ୍ତି ପ୍ରଧାନମନ୍ତ୍ରୀ। ଏହି ଅବସରରେ ସେ କହିଥିଲେ ଯେ, ଦେଶର ବିକାଶ ଦାୟିତ୍ୱ କେବଳ ସରକାରଙ୍କର ନୁହେଁ। ଶିଳ୍ପ ଜଗତକୁ ମଧ୍ୟ ବିକାଶ ପ୍ରକ୍ରିୟାରେ ଭାଗୀଦାର ହେବାକୁ ପଡ଼ିବ। ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ, ଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ସରକାର ଅନେକ ନିଷ୍ପତ୍ତି ନେଇଛନ୍ତି । ଏବେ ଏହି ନିଷ୍ପତ୍ତିର ଲାଭ ଦେଶର ଅର୍ଥନୀତି ଓ ସାଧାରଣ ଲୋକଙ୍କୁ ମିଳିବା ଉଚିତ। ଏଥିପାଇଁ ଶିଳ୍ପ ସଂସ୍ଥାଗୁଡ଼ିକ ଅଧିକ ନିଯୁକ୍ତି ସୃଷ୍ଟି କରିବା ସହ କର୍ମଚାରୀଙ୍କ ଆୟ ବୃଦ୍ଧି ଉପରେ ଧ୍ୟାନ ଦେବା ଆବଶ୍ୟକ। ଭାରତର ବଢୁଥିବା ମୁକ୍ତ ବାଣିଜ୍ୟ ଚୁକ୍ତି ନେଟୱାର୍କର ଲାଭ ଉଠାଇବାକୁ ପ୍ରଧାନମନ୍ତ୍ରୀ ଶିଳ୍ପପତିମାନଙ୍କୁ ଅପିଲ୍ କରିଛନ୍ତି। ଏହି ବାଣିଜ୍ୟ ଚୁକ୍ତି ମାଧ୍ୟମରେ ଅନ୍ୟ ଦେଶଗୁଡ଼ିକରେ କିପରି ନିଜ ବ୍ୟବସାୟ ବଢ଼ାଇ ହେବ, ସେଥିପାଇଁ କମ୍ପାନୀଗୁଡ଼ିକ ନିଜେ ରଣନୀତି ପ୍ରସ୍ତୁତ କରିବା ଉଚିତ। ପ୍ରତ୍ୟେକ ସୁଯୋଗ ଚିହ୍ନଟ କରିବାର ଦାୟିତ୍ୱ କେବଳ ସରକାରଙ୍କ ଉପରେ ଛାଡ଼ିଦେବା ଉଚିତ ନୁହେଁ ବୋଲି ସେ କହିଥିଲେ। ଭାରତୀୟ ଗ୍ରାହକଙ୍କୁ ମଧ୍ୟ କମ୍ପାନୀଗୁଡ଼ିକ ବିଦେଶରେ ବିକ୍ରି କରୁଥିବା ସମାନ ଗୁଣବତ୍ତାର ଉତ୍ପାଦ ଯୋଗାଇଦେବା ଉଚିତ । ରପ୍ତାନୀ ପାଇଁ ଉନ୍ନତ ମାନର ଉତ୍ପାଦ ଏବଂ ଘରୋଇ ବଜାର ପାଇଁ ଭିନ୍ନ ମାନର ଉତ୍ପାଦ ବିକ୍ରି କରିବା ମାନସିକତା ଉପରେ ପ୍ରଧାନମନ୍ତ୍ରୀ ପ୍ରଶ୍ନ ଉଠାଇଥିଲେ।

ଗୃହ ସୁପରିଚାଳନା...

କରିଥିଲେ। ଦ୍ୱିତୀୟାର୍ଦ୍ଧ ବୈଠକରେ ମଧ୍ୟ ଗୃହରେ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୂର୍ବଭଳି ଉଭୟ ବିଜେଡ଼ି ଏବଂ କଂଗ୍ରେସର ବିଧାୟକମାନେ ଗୃହ ମଝିକୁ ଆସି ସେମାନଙ୍କ ଦାବି ଦୋହରାଇ ନାରାବାଜି ଅବ୍ୟାହତ ରଖିଥିଲେ। ମୁଖ୍ୟତଃ କଂଗ୍ରେସ ବିଧାୟକମାନେ କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଏହାର ସୁରକ୍ଷା ଆମର ଦାବି ନାରା ଦେଇଥିବା ବେଳେ ବିଜେଡ଼ି ବିଧାୟକମାନେ ଗଞ୍ଜାମ, ଗଜପତି ଓ କନ୍ଧମାଳରେ ବାତ୍ୟ ଅର୍ଣ୍ଣବ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ଏବଂ ଏପର୍ଯ୍ୟନ୍ତ ବିପନ୍ନଙ୍କ ପାଖରେ ରିଲିଫ ସହାୟତା ପହଞ୍ଚନଥିବା ଦର୍ଶାଇ ସରକାରଙ୍କ ବିଫଳତାକୁ ସମାଲୋଚନା କରିଥିଲେ ଏବଂ ସ୍ଲୋଗାନ ଦେଇଥିଲେ। ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ଗୁରୁବାର ଦିବସର କାର୍ଯ୍ୟସୂଚୀ ମୁତାବକ ରିପୋର୍ଟ, କମିଟି ରିପୋର୍ଟ, ପ୍ରସ୍ତାବ ଉପସ୍ଥାପନ ପାଇଁ ସୁଯୋଗ ଦେଇଥିଲେ। ତଦନୁସାରେ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଏବଂ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀଙ୍କ ତରଫରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯଥାକ୍ରମେ ରିପୋର୍ଟ, କମିଟି ରିପୋର୍ଟ ଓ ପ୍ରସ୍ତାବ ଗୃହରେ ଉପସ୍ଥାପନ କରିଥିଲେ। ଏହାପରେ ବାଚସ୍ପତି ଶ୍ରୀମତୀ ପାଢୀ ଗୃହର ସୁପରିଚାଳନା ପାଇଁ ସର୍ବଦଳୀୟ ବୈଠକ ଡକାଇ ଏଥିରେ ଯୋଗ ଦେବାକୁ ବିରୋଧୀ ଦଳ ଉପନେତା, ଉପମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓ, ସରକାରୀ ଦଳ ମୁଖ୍ୟ ସଚେତକ, ଆଇନମନ୍ତ୍ରୀ, ସଂସଦୀୟ ବ୍ୟାପାର ମନ୍ତ୍ରୀ, କଂଗ୍ରେସ ବିଧାୟକ ଦଳ ନେତା, ବିଜେଡ଼ି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ସିପିଆଇଏମ୍ ବିଧାୟକ ଦଳ ନେତା ଲକ୍ଷ୍ମଣ ମୁଣ୍ଡା, ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର, ବିଜେଡ଼ି ବିଧାୟକ ପ୍ରତାପ କେଶରୀ ଦେବଙ୍କୁ ତାଙ୍କ ଝୟରକୁ ଆସିବା ପାଇଁ ଅନୁରୋଧ ଜଣାଇଥିଲେ ଏବଂ ସଙ୍ଗେ ସଙ୍ଗେ ଗୃହକୁ ଅପରାହ୍ନ ୪.୬ ମିନିଟ୍ ସମୟରେ ଶୁକ୍ରବାର ପୂର୍ବାହ୍ନ ୧୦.୩୦ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ଗୁରୁବାର ଗୃହର ପୂର୍ବାହ୍ନ ଅଧିବେଶନରେ ହଟ୍ଟଗୋଳ ଭିତରେ ମାତ୍ର ୭ ମିନିଟ୍ ଏବଂ ଦ୍ୱିତୀୟାର୍ଦ୍ଧରେ ଆଉ ୬ ମିନିଟ୍ ଏହିପରି ସମୁଦାୟ ୧୩ ମିନିଟ୍ ଗୃହକାର୍ଯ୍ୟ ଚଳି ପାରିଥିଲା।

ଆତଙ୍କବାଦର ...

ଏଥିରେ ନୂତନ ଅପରାଧିକ ଆଇନର ପ୍ରୟୋଗ, ତଦନ୍ତ ପ୍ରକ୍ରିୟା ଏବଂ ସାକ୍ଷୀଙ୍କ ସୁରକ୍ଷା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ ।

ଏହି ସମ୍ମିଳନୀରେ ବିଭିନ୍ନ ରାଜ୍ୟର ବରିଷ୍ଠ ପୁଲିସ ଅଧିକାରୀଙ୍କ ସମେତ କେନ୍ଦ୍ରୀୟ ସୁରକ୍ଷା ଓ ତଦନ୍ତକାରୀ ସଂସ୍ଥାର ଅଧିକାରୀମାନେ ଯୋଗ ଦେଇଛନ୍ତି । ସମସ୍ତ ସଂସ୍ଥା ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ଦେଶକୁ ଆତଙ୍କବାଦମୁକ୍ତ କରିବା ଦିଗରେ ଏହି ସମ୍ମିଳନୀ ଗୁରୁତ୍ୱପୂର୍ଣ୍ଣ ହେବ ।

ଭାରତ ଅର୍ଥନୀତିରେ...

ଫଳ ମିଳୁନାହିଁ । ଜାତୀୟ ସବୁଜ ଟ୍ରିବ୍ୟୁନାଲ୍ (ଏନ୍‌ଜିଟି)ଙ୍କ ଆଦେଶ ଅନୁପାଳନ ସଂକ୍ରାନ୍ତ ଆବେଦନର ଶୁଣାଣି କରି ଖଣ୍ଡପୀଠ କହିଛନ୍ତି, ପରିବେଶ ସୁରକ୍ଷା ଆଇନ, ୧୯୮୬ ଏବଂ ୨୦୧୬ ଓ ୨୦୨୬ର ବର୍ଜ୍ୟ ପରିଚାଳନା ନିୟମ ଥିଲେ ମଧ୍ୟ ଏହାର ଉଦ୍ଦେଶ୍ୟ ପୂରଣ ହୋଇପାରୁନାହିଁ । ରାଜ୍ୟର ବିଭିନ୍ନ ବିଭାଗ ନିଜ ନିଜ ଢଙ୍ଗରେ କାମ କରୁଛନ୍ତି । ସୁଫଳ ପାଇଁ ସମସ୍ତ ବିଭାଗ ସହ ନାଗରିକଙ୍କ ମଧ୍ୟରେ ସମନ୍ୱୟ ରହିବା ଜରୁରୀ ।

ସୁପ୍ରିମ୍‌କୋର୍ଟ ମନିଟରିଂ କମିଟି (ଏସ୍‌ସିଏମ୍‌ସି)ର ରିପୋର୍ଟରେ ଥିବା ତ୍ରୁଟି ଉପରେ ମଧ୍ୟ ଖଣ୍ଡପୀଠ ଉଦ୍‌ବେଗ ପ୍ରକାଶ କରିଛନ୍ତି । ପ୍ରାୟ ୪୦୦ ଜିଲ୍ଲାରେ ଜିଲ୍ଲାପାଳଙ୍କୁ ସହାୟତା କରିବା ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ ଗଠନ ହୋଇନାହିଁ । ୨୮ଟି ରାଜ୍ୟ ମଧ୍ୟରୁ ମାତ୍ର ୯ଟି ରାଜ୍ୟ ସହରାଞ୍ଚଳ ଉପନିୟମ ସମ୍ପର୍କିତ ଲକ୍ଷ୍ୟ ପୂରଣ କରିଛନ୍ତି । ୧୬ଟି ରାଜ୍ୟ ଗ୍ରାମାଞ୍ଚଳ ପାଇଁ ଉପନିୟମ ଲାଗୁ କରିବା ସମ୍ପର୍କରେ ତଥ୍ୟ ଦେଇନାହାନ୍ତି ।

ମିସାଇଲ୍ ଓ ସାମୁଦ୍ରିକ ...

ସହଯୋଗକୁ ଅଧିକ ମଜଭୁତ କରିବା ପାଇଁ ନିକଟରେ ସ୍ୱାକ୍ଷରିତ ବୁଝାମଣାକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ଉଭୟ ପକ୍ଷ ସହମତ ହୋଇଛନ୍ତି । ଏଥିରେ ସମୁଦ୍ର ଓ ଆକାଶପଥ ଉପରେ ନଜର ରଖିବା, ସନ୍ଧାନ ଓ ଉଦ୍ଧାର କାର୍ଯ୍ୟ ଏବଂ ଗୁଇନ୍ଦା ସୂଚନା ଆଦାନପ୍ରଦାନ ଭଳି ବ୍ୟବସ୍ଥା ସାମିଲ ରହିଛି । ଏହାସହ ଅଣ୍ଡରୱାଟର ଟେକ୍ନୋଲୋଜି ଓ ମିସାଇଲ୍ ପ୍ରଯୁକ୍ତି କ୍ଷେତ୍ରରେ ସହଯୋଗକୁ ତ୍ୱରାନ୍ୱିତ କରାଯିବ ।

ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଦୁଇ ଦେଶ ମଧ୍ୟରେ ସହଭାଗିତା ବଢ଼ିବ । 'ଜାପାନରେ ଡିଜାଇନ୍, ଭାରତରେ ନିର୍ମାଣ' ଢାଞ୍ଚାରେ ପ୍ରତିରକ୍ଷା ଶିଳ୍ପ ସହଯୋଗକୁ ମଜଭୁତ କରିବାକୁ ଉଭୟ ଦେଶ ଇଚ୍ଛା ପ୍ରକାଶ କରିଛନ୍ତି। ଭାରତୀୟ ନୌସେନାର ଯୁଦ୍ଧଜାହାଜ ପାଇଁ ଇଣ୍ଟିଗ୍ରେଟେଡ୍ ଆଣ୍ଟେନା ମାସ୍ଟ ମିଳିତ ବିକାଶ ସମ୍ପର୍କିତ 'ଯୁନିକର୍ଣ୍ଣ' ଚୁକ୍ତିକୁ ଶୀଘ୍ର ଚୂଡ଼ାନ୍ତ କରିବା ଉପରେ ମଧ୍ୟ ଆଲୋଚନା ହୋଇଛି।

ଫେବ୍ରୁଆରୀ ୧୬ରୁ ...

ନିଜର ସିଲାବସ୍ ଶେଷ କରିବା ସହ ପୁନରାବୃତ୍ତି ଉପରେ ଗୁରୁତ୍ୱ ଦେବେ ପରୀକ୍ଷାର୍ଥୀ। କେଉଁ ଦିନ କେଉଁ ବିଷୟର ପରୀକ୍ଷା ରହିଛି, ତାହା ଜାଣି ନିଜ ପାଠପଢ଼ାର ରଣନୀତି ପ୍ରସ୍ତୁତ କରିପାରିବେ। କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷାର ସମସ୍ତ ପରୀକ୍ଷାର୍ଥୀଙ୍କ ପାଇଁ ଏହି ପରୀକ୍ଷା ସୂଚୀ ଗୁରୁତ୍ୱପୂର୍ଣ୍ଣ।

ଭୂସ୍ଖଳନ ମୁକାବିଲା...

ଖୁବ୍‌ଶୀଘ୍ର ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହେବ। ଉତ୍ତରାଖଣ୍ଡ ବିପର୍ଯ୍ୟୟ ପରିଚାଳନା ଓ ଥଇଥାନ ସଚିବ ବିନୋଦ କୁମାର ସୁମନ ଏବଂ ଓସଡମା ଉପଦେଷ୍ଟା ତଥା ବରିଷ୍ଠ ଆଇଏଏସ୍ ଅଧିକାରୀ ଡକ୍ଟର କମଳ ଲୋଚନ ମିଶ୍ରଙ୍କ ମଧ୍ୟରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ଆଲୋଚନାରେ ଏହି ସହମତି ପ୍ରକାଶ ପାଇଛି।

ଡକ୍ଟର କମଳ ଲୋଚନ ମିଶ୍ରଙ୍କ ନେତୃତ୍ୱରେ ଓସଡମାର ଏକ ବିଶେଷଜ୍ଞ ଦଳ ଡେରାଡୁନସ୍ଥିତ ଉତ୍ତରାଖଣ୍ଡ ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ର (ୟୁଏସଡିଏମଏ) ପରିଦର୍ଶନ କରିଛନ୍ତି। ଏହି ଅବସରରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପରାମର୍ଶଦାତା କମିଟିର ଉପାଧକ୍ଷ ବିନୟ ରୁହେଲା ଏବଂ ଲେଫ୍ଟନାଣ୍ଟ କର୍ଣ୍ଣେଲ ରଘୁବୀର ସିଂହ ଭଣ୍ଡାରୀ (ଅବସରପ୍ରାପ୍ତ) ଉପସ୍ଥିତ ଥିଲେ। ବୈଠକରେ ଉତ୍ତରାଖଣ୍ଡରେ କାର୍ଯ୍ୟକାରୀ ହେଉଥିବା ଭୂସ୍ଖଳନ ପ୍ରଶମନ, ବିପଦ ଆକଳନ, ନିରୀକ୍ଷଣ, ଆଗୁଆ ସତର୍କତା ଏବଂ ଆଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ସମ୍ପର୍କରେ ଓସଡମା ଦଳକୁ ବିସ୍ତୃତ ଭାବେ ଅବଗତ କରାଯାଇଥିଲା।

ଡକ୍ଟର ମିଶ୍ର କହିଛନ୍ତି ଯେ, ନିକଟରେ ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟା ଗଞ୍ଜାମ, ଗଜପତି, କନ୍ଧମାଳ ଓ ରାୟଗଡ଼ା ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ଏହି ଅଞ୍ଚଳଗୁଡ଼ିକରେ ଭୂସ୍ଖଳନ ଏବେ ଏକ ନୂଆ ଆହ୍ୱାନ ଭାବେ ଉଭା ହୋଇଛି। ଭୂସ୍ଖଳନ ପରିଚାଳନାରେ ଉତ୍ତରାଖଣ୍ଡ ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବାରୁ ସେଠାକାର ଅଭିଜ୍ଞତା, ବୈଷୟିକ ଦକ୍ଷତା ଓ ନୂତନ ଉଦ୍ଭାବନ ଓଡ଼ିଶା ପାଇଁ ଅତ୍ୟନ୍ତ ଉପଯୋଗୀ ହେବ। ଓସଡମା ଦଳ ଏହାକୁ ଅନୁଧ୍ୟାନ କରି ଓଡ଼ିଶାର ଆବଶ୍ୟକତା ଅନୁଯାୟୀ କାର୍ଯ୍ୟକାରୀ କରିବାକୁ ପଦକ୍ଷେପ ନେବ।

ଅନ୍ୟପକ୍ଷରେ ଉତ୍ତରାଖଣ୍ଡ ବିପର୍ଯ୍ୟୟ ପରିଚାଳନା ସଚିବ ବିନୋଦ କୁମାର ସୁମନ କହିଛନ୍ତି ଯେ, ଉଭୟ ଓଡ଼ିଶା ଓ ଉତ୍ତରାଖଣ୍ଡ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ହୋଇଥିବାରୁ ପରସ୍ପର ମଧ୍ୟରେ ଜ୍ଞାନ, ଅଭିଜ୍ଞତା ଓ ପ୍ରଯୁକ୍ତିବିଦ୍ୟାର ବିନିମୟ ଅତ୍ୟନ୍ତ ଜରୁରୀ।

ଗୋପାଳପୁର ନିକଟରେ...

ଆଶ୍ରୟସ୍ଥଳରେ ରଖାଯାଇଛି। ଏଥିମଧ୍ୟରୁ ଗଞ୍ଜାମ ଜିଲ୍ଲାରେ ୪୫,୩୬୪ ଏବଂ ଗଜପତି ଜିଲ୍ଲାରେ ୧୮ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଗଜପତି ଓ କନ୍ଧମାଳ ଜିଲ୍ଲାର ଭୂସ୍ଖଳନ ପ୍ରବଣ ଅଞ୍ଚଳ ଏବଂ ପାହାଡ଼ ପାଦଦେଶରେ ଥିବା ଗ୍ରାମଗୁଡ଼ିକରୁ ମଧ୍ୟ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଉଛି।

ବାତ୍ୟା ମୁକାବିଲା ଓ ଜରୁରୀକାଳୀନ ଉଦ୍ଧାର କାର୍ଯ୍ୟ ପାଇଁ ୬୦ଟି ଓଡ୍ରାଫ୍ ଟିମ୍, ୧୪ଟି ଏନ୍‌ଡିଆରଏଫ୍ ଟିମ୍ ଏବଂ ଅଗ୍ନିଶମ ବିଭାଗର ୨୨୧ଟି ଟିମ୍ ବିଭିନ୍ନ ଜିଲ୍ଲାରେ ମୁତୟ

ଉତ୍କଳ ଦୀପିକା

ଭୁବନେଶ୍ୱର, ୨୦ ନଭେମ୍ବର, ଶୁକ୍ରବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

ବାତ୍ୟା ଆଶଙ୍କାରେ ଆଜି ବନ୍ଦ ରହିବ ଧବଳେଶ୍ୱର ପୀଠ

ପଞ୍ଚୁକର ପ୍ରଥମ ଦିନରେ ଭକ୍ତଙ୍କୁ ଦର୍ଶନ ମନା

କଟକ, ୧୯/୧୧ ନ୍ୟୁଜ ବ୍ୟୁରୋ

ସମ୍ଭାବ୍ୟ ବାତ୍ୟା 'ଅକଓ୍ୱାନ୍'କୁ ଦୃଷ୍ଟିରେ ରଖି ଶୁକ୍ରବାର ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ରହିବ। ବାତ୍ୟାର ସମ୍ଭାବ୍ୟ ପ୍ରଭାବ ଓ ଭକ୍ତମାନଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ପ୍ରଶାସନ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ସୂଚନା ଅନୁଯାୟୀ, ବାତ୍ୟା 'ଅକଓ୍ୱାନ୍' ଗତ ୬ ଘଣ୍ଟା ମଧ୍ୟରେ ଘଣ୍ଟାପ୍ରତି ୧୭ କିଲୋମିଟର ବେଗରେ ଉତ୍ତର ଦିଗକୁ ଗତି କରିଛି। ଏହା ଗୋପାଳପୁର ନିକଟରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି। ବର୍ତ୍ତମାନ ବାତ୍ୟାଟି ଗୋପାଳପୁର ଏବଂ ପୁରୀଠାରୁ ଅଳ୍ପ



ଝୁଲାପୋଲ ସହ ଡଙ୍ଗା ଚଳାଚଳ ବନ୍ଦ

ଦୂରରେ ରହିଛି। ଅନ୍ୟପକ୍ଷରେ ଶୁକ୍ରବାର ଠାରୁ ପଞ୍ଚୁକ ବ୍ରତ ଆରମ୍ଭ ହେଉଥିବାରୁ ଧବଳେଶ୍ୱର ପୀଠରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେବାର ଆଶା ରହିଥିଲା। ତେବେ ସମ୍ଭାବ୍ୟ ବାତ୍ୟାକୁ ନଜରରେ ରଖି ଭକ୍ତଙ୍କ ସୁରକ୍ଷା ନିମନ୍ତେ ପୀଠକୁ ସର୍ବସାଧାରଣଙ୍କ ପ୍ରବେଶ ଉପରେ ରୋକ୍ ଲଗାଯାଇଛି। ଏହି ଦିନ କେବଳ ସେବାୟତମାନଙ୍କ ଦ୍ୱାରା ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ସମ୍ପନ୍ନ କରାଯିବ। ଏଥିସହ ଭକ୍ତଙ୍କ ଯାତାୟାତ ପାଇଁ ରହିଥିବା ଝୁଲାପୋଲ ଓ ଆରସିସି ପୋଲ ବନ୍ଦ ରହିବା ସହ ମହାନଦୀରେ ଡଙ୍ଗା ଚଳାଚଳ ମଧ୍ୟ ବନ୍ଦ ରଖାଯିବ। ତେଣୁ ୨୦ ତାରିଖରେ ଶ୍ରଦ୍ଧାଳୁମାନେ ଧବଳେଶ୍ୱର ପୀଠକୁ ନଆସିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

ବାତ୍ୟା ଅକଓ୍ୱାନ୍ ଭୟ: ଅଶାନ୍ତ ଚନ୍ଦ୍ରଭାଗା ସମୁଦ୍ର, କୋଣାର୍କରେ ଲଗାଣ ବର୍ଷା

କୋଣାର୍କ, ୧୯/୧୧
ନ୍ୟୁଜ ବ୍ୟୁରୋ

ବାତ୍ୟା ଅକଓ୍ୱାନ୍ ପ୍ରଭାବରେ ପର୍ଯ୍ୟଟନସ୍ଥଳୀ କୋଣାର୍କରେ ଲଗାଣ ବର୍ଷା ଆରମ୍ଭ ହୋଇଛି। ଦିନତମାମ ବର୍ଷା ସାଙ୍ଗକୁ କୋହଲା ପାଗ ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଛି। ଲୋକମାନେ ଘରୁ ବାହାରିବା ମୁସ୍କିଲ ହୋଇପଡ଼ିଛି। ଅନ୍ୟପଟେ ଚନ୍ଦ୍ରଭାଗା ସମୁଦ୍ର ଅଶାନ୍ତ ହୋଇ ଉଠିଥିବା ବେଳେ ଉଚ୍ଚ ଜୁଆର କୂଳ ଆଡ଼କୁ ମାଡ଼ି ଆସୁଛି। ଏଥିଯୋଗୁଁ କୋଣାର୍କ ଓ ଚନ୍ଦ୍ରଭାଗା ବଜାର ଶୂନଶାନ ହୋଇପଡ଼ିଛି। ସମୁଦ୍ର ଅଶାନ୍ତ ଥିବାରୁ ନୋଳିଆ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବା ପାଇଁ ବାରଣ କରାଯାଇଛି। ସମ୍ଭାବ୍ୟ ବାତ୍ୟାର ମୁକାବିଲା ଓ ଜନସାଧାରଣଙ୍କ ସୁରକ୍ଷାକୁ ନଜରରେ ରଖି କୋଣାର୍କ



ଏନ୍‌ଏସି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଜେନା ବୈଠକରେ ଅଧ୍ୟକ୍ଷତା କରିଥିଲେ। ପର୍ଯ୍ୟଟକ ଓ ଜନସାଧାରଣଙ୍କୁ ସମୁଦ୍ର କୂଳକୁ ନଯିବା ପାଇଁ ସତର୍କ କରାଯିବା ସହ କଟକଣା ଜାରି ହୋଇଛି। ଡାକବାଜି ଯନ୍ତ୍ର ମାଧ୍ୟମରେ ଚନ୍ଦ୍ରଭାଗା ସମେତ କୋଣାର୍କ ଅଞ୍ଚଳରେ ସଚେତନତା ପ୍ରଚାର କରାଯାଉଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କୁ ସତର୍କ ରହିବା ସହ ଆବଶ୍ୟକ ପଡ଼ିଲେ ନିରାପଦ ସ୍ଥାନକୁ ଚାଲି ଯିବାକୁ ପ୍ରଶାସନ ପକ୍ଷରୁ ସଚେତନ କରାଯାଉଛି।

'ଅକଓ୍ୱାନ୍' ମୁକାବିଲା ପାଇଁ କେଏମ୍‌ସିର ବ୍ୟାପକ ପ୍ରସ୍ତୁତି

୯୪ଟି ଆଶ୍ରୟସ୍ଥଳୀରେ ୫୦ ହଜାରରୁ ଊର୍ଦ୍ଧ୍ୱଙ୍କ ପାଇଁ ବ୍ୟବସ୍ଥା

କଟକ, ୧୯।୧୧ ନ୍ୟୁଜ ବ୍ୟୁରୋ

ସମ୍ଭାବ୍ୟ ବାତ୍ୟା 'ଅକଓ୍ୱାନ୍' ଓ ପ୍ରବଳ ବର୍ଷାର ମୁକାବିଲା ପାଇଁ କଟକ ମହାନଗର ନିଗମ (କେଏମ୍‌ସି) ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଶେଷ ହୋଇଛି। ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ସହ ଜିରୋ କାଜୁଆଲିଟି ଲକ୍ଷ୍ୟକୁ ଗୁରୁତ୍ୱ ଦେଇ ନିଗମ ପକ୍ଷରୁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି। ଏନେଇ ବିଜୁ ଭବନସ୍ଥିତ କେଏମ୍‌ସି କାର୍ଯ୍ୟାଳୟରେ ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀକାଳୀନ ସମୀକ୍ଷା ବୈଠକ ହୋଇଥିଲା। ବୈଠକରେ ସହରର ତଳିଆ ଅଞ୍ଚଳରେ ଯେପରି ଜଳବନ୍ଦୀ ସମସ୍ୟା ସୃଷ୍ଟି ନହୁଏ, ସେଥିପାଇଁ ଜଳ ନିଷ୍କାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଆବଶ୍ୟକ ସଂଖ୍ୟକ ପାଣି ପମ୍ପ ମହଜୁଦ ରଖିବାକୁ ମେୟର ନିର୍ଦ୍ଦେଶ



ଦେଇଥିଲେ। ଆବଶ୍ୟକ ପଡ଼ିଲେ ତଳିଆ ଓ ଅସୁରକ୍ଷିତ ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ସହ ଖାଦ୍ୟ ଓ ମୌଳିକ ସୁବିଧା ଯୋଗାଇବାକୁ ମଧ୍ୟ କୁହାଯାଇଛି। ସହରର ୯୪ଟି ବାତ୍ୟା ଆଶ୍ରୟସ୍ଥଳୀରେ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ରହିବା ପାଇଁ ବ୍ୟବସ୍ଥା ହୋଇଛି। ଏଥିସହ ୩୬ଟି ଅସୁରକ୍ଷିତ ସ୍ଥାନରୁ ୪,୫୨୦ ଜଣଙ୍କୁ ସ୍ଥାନାନ୍ତର ପାଇଁ ପଦକ୍ଷେପ ନିଆଯାଇଛି। ଜରୁରୀକାଳୀନ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ପରିଚାଳନା ପାଇଁ ୧୭ଟି ସେକ୍ଟର ଅଫିସ୍ ଗଠନ କରାଯାଇଛି। ସେଠାରେ ଜେନେରେଟର, ପାଣି ଟ୍ୟାଙ୍କର, ମହମବତୀ ଆଦି ଜରୁରୀ ସାମଗ୍ରୀ ମହଜୁଦ ରଖାଯାଇଛି। ସେହିପରି ଜଳ ନିଷ୍କାସନ ପାଇଁ ୩୧୦ଟି ପାଣି ପମ୍ପ ଓ ୨୦ଟି ଦମକଳ ପାଣି ପମ୍ପ ପ୍ରସ୍ତୁତ ରଖାଯାଇଛି। ରାସ୍ତା ସଫା, ଗଛ କାଟିବା ଓ ଉଦ୍ଧାର କାର୍ଯ୍ୟ ପାଇଁ ୩ଟି ଜେସିବି, ୩ଟି ହାଇଡ୍ରା, ୭ଟି ଟ୍ରାକ୍ଟର ଏବଂ ୨୦ ଜଣିଆ ଟିମ୍ ନିୟୋଜିତ ହୋଇଛନ୍ତି। ଅନ୍ୟପକ୍ଷରେ ୱାଟ୍‌କୋ ପକ୍ଷରୁ ୮ଟି ପାୱାର ଜେନେରେଟର, ୮ଟି ପାଣି ଟ୍ୟାଙ୍କର ଓ ୨୦ ଜଣିଆ ଟିମ୍‌କୁ ୨୪ ଘଣ୍ଟିଆ ଡ୍ୟୁଟିରେ ରଖିବାର ବ୍ୟବସ୍ଥା ହୋଇଛି। ବାତ୍ୟା ଓ ବର୍ଷା ସମୟରେ ଜନସାଧାରଣଙ୍କ ସମସ୍ୟାର ତ୍ୱରିତ ସମାଧାନ ପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ ରହିଛି। ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଗ୍ନିଶମ ବାହିନୀ, ଓଡ୍ରାଫ୍ ଓ ଏନଫୋର୍ସମେଣ୍ଟ ଟିମ୍‌କୁ ମଧ୍ୟ ପ୍ରସ୍ତୁତ ରଖାଯାଇଛି। ବାତ୍ୟାରେ ଗଛ କିମ୍ବା ଅନ୍ୟ ସାମଗ୍ରୀ ପଡ଼ି ରାସ୍ତା ଅବରୋଧ ହେଲେ ଏକ ଘଣ୍ଟା ମଧ୍ୟରେ ତାହା ହଟାଇ ଯାତାୟାତ ସ୍ୱାଭାବିକ କରିବାକୁ ନିର୍ଦ୍ଦେଶ ରହିଛି। ବୈଠକରେ ଡେପୁଟି ମେୟର ଦମୟନ୍ତୀ ମାଝୀ, ବିଭିନ୍ନ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ, କର୍ପୋରେଟର, କେଏମ୍‌ସିର ବିଭାଗୀୟ ଅଧିକାରୀ, ୱାଟ୍‌କୋ ଓ ଅଗ୍ନିଶମ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। କଟକବାସୀଙ୍କ ସୁରକ୍ଷା ନିଗମର ସର୍ବୋଚ୍ଚ ପ୍ରାଥମିକତା ଏବଂ ଯେକୌଣସି ପରିସ୍ଥିତିରେ ସମସ୍ତ ବିଭାଗ ସମନ୍ୱୟ ରଖି କାର୍ଯ୍ୟ କରିବେ ବୋଲି ମେୟର ଶ୍ରୀ ସିଂହ କହିଥିଲେ।

ଶ୍ରୀମନ୍ଦିରରେ ଅଘଟଣ : ରକ୍ତ ଛିଟା ପଡ଼ିବାରୁ ବଡ଼ମହାସ୍ନାନ

ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ
ତାରିଖ :-୧୯/୧୧/୨୦୨୬
୪,୮୯,୫୯୬/-ଟଙ୍କା
ସୁନା:- ୦୨ ଗ୍ରାମ୍ ୬୫୦ମିଲିଗ୍ରାମ
ରୂପା:- ୧୪୯ ଗ୍ରାମ୍ ୫୦୦ମିଲିଗ୍ରାମ



ପୁରୀ, ୧୯/୧୧ ନ୍ୟୁଜ ବ୍ୟୁରୋ

ଶ୍ରୀମନ୍ଦିରରେ ଅଘଟଣ। ଗୋଡ଼ ଖସି ପଡ଼ି ଆହତ ହେଲେ ଦର୍ପଣିଆ ସେବାୟତ। କଳାହାଟ ଦ୍ୱାର ନିକଟରେ ରକ୍ତ ଛିଟା ପଡ଼ିବାରୁ ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଛି ବଡ଼ମହାସ୍ନାନ ନୀତି। ଏଥିପାଇଁ ବନ୍ଦ ରହିଥିଲା ସର୍ବସାଧାରଣ ଦର୍ଶନ। ଆହତ ସେବାୟତ ଜଣକ ହେଉଛନ୍ତି ପୁରୀ ବାଲିସାହି ବରାହୀଲେନ୍‌ର ମଦନ ମୋହନ ବେଜ। ସୂଚନା ଅନୁଯାୟୀ, ମଙ୍ଗଳ ଆଳତି ପରେ ଅବକାଶ ନୀତି ପାଇଁ ପ୍ରସ୍ତୁତି ଚାଲିଥିବା ସମୟରେ କଳାହାଟ ଦ୍ୱାର ନିକଟରେ ହଠାତ୍ ତାଙ୍କ ଗୋଡ଼ ଖସି ଯାଇଥିଲା। ତଳେ ପଡ଼ିଯିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ତୁରନ୍ତ ତାଙ୍କୁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ଅନ୍ୟପଟେ ରକ୍ତ ଛିଟା ପଡ଼ିଥିବାରୁ ଶ୍ରୀମନ୍ଦିରରେ ବଡ଼ମହାସ୍ନାନ ନୀତି କରାଯାଇଛି। ନୀତି ସମ୍ପନ୍ନ ହେବା ପରେ ପୁଣି ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା।



ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୭୭୮
Email : utkaldeepika2016@gmail.com

ଐତିହାସିକ, ଗବେଷକ ଡଃ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀଙ୍କ ପୁସ୍ତକ 'ନୀଳାଚଳେ ଯୀଶୁ' ଲୋକାର୍ପିତ



ଭୁବନେଶ୍ୱର, ୧୯/୧୧
ନ୍ୟୁଜ ବ୍ୟୁରୋ

ସ୍ଥାନୀୟ ଜୟଦେବ କଂଗ୍ରେସ୍ ଗହୀଦନଗର ସଭାଗୃହ ଠାରେ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ଓ ପୁଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଆନୁକୂଲ୍ୟରେ ଐତିହାସିକ, ଗବେଷକ, ସ୍ତମ୍ଭକାର ତଥା ସାରସ୍ୱତ ପ୍ରତିଭା ଦୀପ୍ତ ବ୍ୟକ୍ତିତ୍ୱ ଡଃ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀଙ୍କ ୮୬ ତମ ଜନ୍ମଉତ୍ସବ ଅନୁଷ୍ଠିତ ହେବା ସହ ପୁସ୍ତକ 'ନୀଳାଚଳେ ଯୀଶୁ' ଲୋକାର୍ପିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ତଥା ଅଧ୍ୟକ୍ଷ ଓଡ଼ିଶା ନାଗରିକ ମହାମଞ୍ଚ, ପୁଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ମୁଖ୍ୟଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ସ୍ତମ୍ଭକାର ଦାଶ ବେନେହୁର, ପ୍ରାକ୍ତନ ମନ୍ତ୍ରୀ ଅରବିନ୍ଦ ଢ଼ାଲି ଉପସ୍ଥିତ ରହିବା ସହ ଡଃ ତ୍ରିପାଠୀଙ୍କୁ ଜନ୍ମଦିବସର ଶୁଭେଚ୍ଛା ଜ୍ଞାପନ କରିବା ସହିତ ତାଙ୍କ ସାରସ୍ୱତ ଗବେଷଣା ସହିତ ବଳିଷ୍ଠ ତଥ୍ୟ ସାହିତ୍ୟ ରଚନା, ଆଲେଖ୍ୟ ଆଜିର ଯୁବ ଗବେଷକଙ୍କୁ ମାର୍ଗଦର୍ଶନ କରିବା ସହ ଆଗାମୀ ପାଢ଼ି ପାଇଁ ଅନେକ ତଥ୍ୟ ଯୋଗାଇବାରେ ସହାୟତା କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶ୍ରୀ ଶତପଥୀ ଡଃ ତ୍ରିପାଠୀଙ୍କ ସାହିତ୍ୟ, ସଂସ୍କୃତି, ଭାଷା, ଗବେଷଣା, ଆଲେଖ୍ୟ ପ୍ରମୁଖ ଓଡ଼ିଆ ସାରସ୍ୱତ ଭଣ୍ଡାରକୁ ସମୃଦ୍ଧ କରିବା ସହ ଏ ପର୍ଯ୍ୟନ୍ତ ସଠିକ ଓଡ଼ିଶା ଇତିହାସ ଲେଖାଯାଇନାହିଁ ବୋଲି କ୍ଷୋଭର ସହ ମତବ୍ୟକ୍ତ କରିବା ସହିତ ଓଡ଼ିଆ ଭାଷା ଏବଂ ସାରସ୍ୱତ ପ୍ରତିଭା ଦୀପ୍ତ ବ୍ୟକ୍ତିତ୍ୱ ଓଡ଼ିଆଙ୍କୁ ବାରମ୍ବାର ପ୍ରତାରଣା ଓ ନିର୍ଯାତନା ପ୍ରଦାନ କରାଯାଉ ଥିବା ନେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମହାନ ସାରସ୍ୱତ ସାଧକ, ସମାଲୋଚକ, ସ୍ତମ୍ଭକାର କବି ଡଃ ନୃସିଂହ ଚରଣ ଷଡ଼ଙ୍ଗୀଙ୍କୁ 'ପ୍ରଫୁଲ୍ଲ ପ୍ରତିଭା ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିବା ବେଳେ ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ପ୍ରଶାନ୍ତ କୁମାର ମହାପାତ୍ର, ନାଳିମା ଶୁକ୍ଲା, ସନ୍ତୋଷ ଲେଙ୍କା, ଅଭୟ ସେନାପତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥି ସହିତ ପ୍ରାରମ୍ଭରେ ନାରାୟଣ ଜେନାଙ୍କ ଦ୍ୱାରା ସଂଗୀତ ପରିବେଷଣ କରାଯାଇ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମକୁ ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ସଂଗୀତଜ୍ଞ ଚନ୍ଦ୍ରଭାନୁ କର, ଡଃ ପଦ୍ମନାଭ ତ୍ରିପାଠୀ, ସନ୍ତୋଷ ଲେଙ୍କା, ପ୍ରଶାନ୍ତ କୁମାର ମହାପାତ୍ର ପରିଚାଳନା କରିଥିଲେ।

ଶୀତ ମୁକାବିଲା ପାଇଁ ନନ୍ଦନକାନନରେ ବ୍ୟାପକ ପ୍ରସ୍ତୁତି

ଖୁଆଡ଼ରେ ରୁମ୍ ହିଟର ଓ ସିମ୍ପାଞ୍ଜି ପାଇଁ କମ୍ବଳ

ବାରଙ୍ଗ,୧୯/୧୧
ନ୍ୟୁଜ ବ୍ୟୁରୋ

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଶୀତଋତୁରେ ପଶୁପକ୍ଷୀଙ୍କ ଯତ୍ନ ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏଠାରେ ୧୮୮ ପ୍ରଜାତିର ୪ ହଜାରରୁ ଅଧିକ ଜୀବଜନ୍ତୁ ଅଛନ୍ତି। ସରୀସୃପ ଉଦ୍ୟାନରେ ରହୁଥିବା ସାପ, ଇଗୁଆନା (ବଡ଼ ଏଣ୍ଡୁଅ) ସମେତ ମାଙ୍କଡ଼ ପ୍ରଜାତିର ଜୀବଜନ୍ତୁଙ୍କ ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି। ପ୍ରାଣୀ ଚିକିତ୍ସା ଅଧିକାରୀ, ବନ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ସେମାନେ ବିଭିନ୍ନ ଖୁଆଡ଼ ଯାଞ୍ଚ କରିବା ସହ ତାପମାତ୍ରା, ପ୍ରାଣୀଙ୍କ ଆବଶ୍ୟକତା ଅନୁଯାୟୀ ପଦକ୍ଷେପ ନେଉଛନ୍ତି। ବିଭିନ୍ନ ଖୁଆଡ଼ର ତାପମାତ୍ରା ବଜାୟ ରଖିବା, ଥଣ୍ଡା କମାଇବା, ପରିବେଶ ପରିଷ୍କାର କରିବା ସହିତ ଖୁଆଡ଼ରେ ସୂର୍ଯ୍ୟକିରଣ ପଡ଼ିବା ପାଇଁ ବ୍ୟବସ୍ଥା କରାଯାଇଛି। ପ୍ରତେକ ଖୁଆଡ଼ରେ ରୁମ୍ ହିଟର, ହିଟିଂ ବଲ୍ବ ଓ ଅନ୍ୟାନ୍ୟ ଉତ୍ତାପ ଯନ୍ତ୍ର ଲଗାଯାଉଛି। ମାଙ୍କଡ଼ ଖୁଆଡ଼ ଫିଡିଙ୍ଗ ଚ୍ୟାମ୍ବର ତଳେ ନଡ଼ା, ଅଖା, କମ୍ବଳ ବିଛାଇବାର ବ୍ୟବସ୍ଥା



କରାଯାଇଛି। ସିମ୍ପାଞ୍ଜି, ହୁଲୁକ ଗିବନଙ୍କ ପାଇଁ ତଳେ ଅଖା, ନଡା ପକାଯିବା ସହ ଘୋଡ଼ି ହେବା ପାଇଁ କମ୍ବଳ ବ୍ୟବସ୍ଥା କରାଯାଇଛି। ସରୀସୃପଙ୍କ ପାଇଁ ହିଟିଂ ବଲ୍ବ, ୟୁଭି-ବି ଲାଇଟ୍, ଉଷ୍ମତା ପ୍ରଦାନକାରୀ ବିଛଣା, ସୂର୍ଯ୍ୟକିରଣରେ ଉତ୍ତାପ ଗ୍ରହଣ ପାଇଁ ସ୍ୱତନ୍ତ୍ର ପ୍ଲାଟଫର୍ମ କରାଯାଇଛି। ଶରୀରର ତାପମାତ୍ରା ନିୟନ୍ତ୍ରଣ ଓ ଶାରୀରିକ କାର୍ଯ୍ୟକଳାପ ପାଇଁ ନିୟମିତ ତାପମାତ୍ରା ଯାଞ୍ଚ କରାଯିବ। ଖୁଆଡ଼ର ମାଟି ବଦଳାଇ ନୂଆ ମାଟି ପକାଯାଉଛି। ନିୟମିତ ସଫେଇ ଓ ବିଶୋଧନ କରାଯାଉଛି। ଖାଦ୍ୟ ଗ୍ରହଣ କକ୍ଷ ଓ ପଛପାର୍ଶ୍ୱର ଖୁଆଡ଼ଗୁଡ଼ିକରେ ଚୂନ ଲିପାଯାଇଛି। ଖୁଆଡ଼ ଭିତରକୁ ପର୍ଯ୍ୟାପ୍ତ ସୂର୍ଯ୍ୟକିରଣ ପ୍ରବେଶ ପାଇଁ ଖୁଆଡ଼ ପାଖ ଗଛ ଡାଳଗୁଡ଼ିକ ଆବଶ୍ୟକ ଅନୁଯାୟୀ କାଟି ଛୋଟ କରାଯାଇଛି। ଖୁଆଡ଼ ଜଳାଶୟ, କୁଣ୍ଡଗୁଡ଼ିକ ସଫେଇ କରାଯିବା ସହ ଜମି ରହିଥିବା ପାଣି ଓ ପଙ୍କ କଢ଼ାଯାଉଛି। ପାଣି ପାତ୍ରଗୁଡ଼ିକ ମରାମତି କରାଯାଉଛି। ପକ୍ଷୀ ଖୁଆଡ଼ଗୁଡ଼ିକରେ ବସା ବାନ୍ଧିବା ପାଇଁ ବାକ୍ସ, ଉପଯୁକ୍ତ ବସା ସାମଗ୍ରୀ ଓ ସୁରକ୍ଷାମୂଳକ ଆବରଣ ଦିଆଯାଉଛି। ଫଳରେ ଥଣ୍ଡା ପବନରୁ ପକ୍ଷୀମାନେ ସୁରକ୍ଷା ପାଇବା ସହ ଉପଯୁକ୍ତ ପରିବେଶରେ ରହିପାରିବେ। ଜନ୍ତୁ ରକ୍ଷକ, ପ୍ରାଣୀ ଚିକିତ୍ସା ବିଭାଗ ଓ ନିର୍ଦ୍ଦିଷ୍ଟ ଯାଞ୍ଚ ଟିମ୍ ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟ ଉପରେ ନିୟମିତ ନଜର ରଖିଛନ୍ତି।

ରବିବାସରୀୟ କଳିକା

ସମ୍ପାଦକଙ୍କ ପୃଷ୍ଠାରେ...
• ଦିଶୁଡ଼ୁ ଶ୍ରୀମନ୍ଦିରର ସମସ୍ତ ସେବାୟତ
• ମଲ୍ଲ ଯୁଦ୍ଧକଳା ୧୨୦୦ରୁ ଏ ଯାବତ
• ଗୋରେର ବଡ଼ୁଆ ଦିନ୍ଦ୍ରୁ ସୁରୁରେ ମଂସ ଖାଇବାର ବଣ୍ଡି
• ୨୦୩୧ ସୁଦ୍ଧା ଜାତୀୟରେ ଅନୁଷ୍ଠାନ
• ଗୁଜୁରି ଚାଟିବା ଗାଁଟିରେ ଭଜା
• ବରଗଡ଼ମୁଣ୍ଡାରେ ଅଷ୍ଟ ମା ଗଡ଼ି, ଏକାମ୍ରକ୍ଷେତ୍ରର ବଡ଼ୁଛି ଜର ଅଗରବତ୍ତି

ଶୈଶବକୁ ଗ୍ରାସିଛି ଅପପୁଷ୍ଟି

ସମ୍ବଲପୁରରେ ୧୫୪୯ ଶିଶୁ ଗୁରୁତର ବାମନତ୍ୱର ଶିକାର

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

**ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ